**ଚକ୍ଷୁ ପରୀକ୍ଷା ଶିବିର**

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଜନକଲ୍ୟାଣ ଯୁବ ସାଂସ୍କୃତିକ କ୍ଲବରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ହରେକୃଷ୍ଣ ମହତାବ ହାଇସ୍କୁଲର ୨୦୧୨ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ଉଦ୍ୟମକ୍ରମେ ଓ କେୟାର ନେତ୍ର ସହାୟତାରେ ଅନୁଷ୍ଠିତ ଶିବିରରେ ୧୫୧ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ୨୨ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ପାଇଁ ବୀରମହାରାଜପୁର ମହାନଦୀ ନେତ୍ର ଚିକିତ୍ସାଳୟ ନିଆଯାଇଛି । ଅଜୟ ବେହେରା, ଦେବୀପ୍ରସାଦ ରଣା, ସୌରଭ ଶେଖର ବେହେରା, ଦେବାଶିଷ ବିଶ୍ୱାଳ, ଦିଲୁ ବେହେରା ପ୍ରମୁଖ ଶିବର ଆୟୋଜନ କରିଥିଲେ ।

## ସଂକ୍ଷେପରେ

### ଭାରତ ବନ୍ଦରେ ସାମିଲ ହେଲେ ଡାକ, ବ୍ୟାଙ୍କ କର୍ମଚାରୀ

**ବୌଦ୍ଧ,୨୮।୩ (ସ୍ୱ.ପ୍ର.):** କେନ୍ଦ୍ର ସରକାରଙ୍କ ବିଭିନ୍ନ ନିତିକୁ ବିରୋଧ କରି ୧୦ଟି ଟ୍ରେଡ ୟୁନିୟନ ପକ୍ଷରୁ ଦୁଇ ଦିନିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦର ପ୍ରଭାବ ବୌଦ୍ଧ ଜିଲାରେ ଦେଖିବାକୁ ମିଳି ନ ଥିଲା । ଜିଲାର ସମସ୍ତ ଦୋକାନ ବଜାର ଖୋଲା ରହିବା ସହିତ ଗାଡି ମୋଟର ଚଳାଚଳ ସ୍ୱାଭାବିକ ରହିଥିଲା। କେବଳ କେତେକ ବ୍ୟାଙ୍କ ସହିତ ଡାକ କାର୍ଯ୍ୟାଳୟ ଗୁଡିକ ବନ୍ଦ ରହିଥିଲା । ବ୍ୟାଙ୍କ ଓ ଡାକ କର୍ମଚାରୀ ଆନ୍ଦୋଳନରେ ସାମିଲ ଥିଲେ। ବ୍ୟାଙ୍କ ଓ ଡାକ କାର୍ଯ୍ୟାଳୟଗୁଡିକ ବନ୍ଦ ରହିଥିବା ଯୋଗୁ ଲୋକଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡିଥିବା ଦେଖିବାକୁ ମିଳିଥିଲା। ଡାକକର୍ମଚାରୀମାନେ ସହରସ୍ଥିତ ମୁଖ୍ୟ ଡାକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଆଇନ ଶୃଙ୍ଖଳାକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

### ଆଶା ସଂଘର ରାଜପଥ ଅବରୋଧ

**ଲୋଇସିଂହା,୨୮।୩(ଡି.ଏନ୍.ଏ.):** ଏଆଇଟିୟୁସି ସହ ସହବନ୍ଧିତ ନିଖିଳ ଓଡ଼ିଶା ଆଶା ସଂଘ ଲୋଇସିଂହା ଶାଖା ପକ୍ଷରୁ ସ୍ଥାନୀୟ ହସ୍ପିଟାଲ ଆଗରେ ସୋମବାର ବଲାଙ୍ଗୀର-ବରଗଡ଼ ୨୬ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ସରକାରୀ ମାନ୍ୟତା, ମାସିକ ପ୍ରାପ୍ୟ ୨୬ ହଜାର ପରି ୧୨ ଦଫା ଦାବି ତୁରନ୍ତ ପୂରଣ କରିବାକୁ ଏହି ଅବସରରେ ସେମାନେ ଦାବି କରିଛନ୍ତି। ସଭାନେତ୍ରୀ ମାଧବୀ ସାହୁ, ମହେନ୍ଦ୍ରୀ ସାହୁ, ସସ୍ତାଶିନୀ ଭୋଇ ପ୍ରମୁଖ ସଂଘ ସଦସ୍ୟାମାନେ ସକାଳ ୭ ଟାରୁ ଅପରାହ୍ନ ୧ଟା ଯାଏ ରାସ୍ତା ଉପରେ ଧାରଣା ଦେଇଥିଲେ। ଆଶାକର୍ମୀମାନେ ପିକେଟିଂ କରି ଲୋଇସିଂହାରର ସମସ୍ତ ସରକାରୀ, ବେସରକାର୍ଯ୍ୟ କାର୍ଯ୍ୟାଳୟ ବନ୍ଦ କରିଥିଲେ। ରାଜପଥ ଅବରୋଧ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ଅପରପକ୍ଷେ ଦୋକାନ ବଜାର ସ୍ୱାଭାବିକ ରହିଥିଲା।

### ଶିଶୁ ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ତାଲିମ କାର୍ଯ୍ୟକ୍ରମ

**ଦେଓଗାଁ, ୨୮।୩(ଡି.ଏନ.ଏ):** ବଲାଙ୍ଗୀର ସଦର ବ୍ଲକ ବାରପୁରଗିଆ ପଞ୍ଚାୟତ କାର୍ଯ୍ୟାଳୟରେ ୱାଇସିଡିଏ ପକ୍ଷରୁ ଶିଶୁମାନଙ୍କ ପାଇଁ ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨ବର୍ଷ ହେଲା ସ୍କୁଲ ବନ୍ଦ ରହିବାରେ ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିଥିଲା। ରୁଦ୍ର ବଗର୍ତ୍ତି, ରୀତା ଦୀପଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିଶୁମାନେ ରାଗ, ଚିଡିଚିଡା ଓ ସାଙ୍ଗମାନଙ୍କ ସହ ମିଳାମିଶା କରିବାରେ ଅସୁବିଧା, ପରିବାରରେ ନିଜର କଥାକୁ ଜାହିର କରିପାରୁ ନ ଥିବା ପରିଲକ୍ଷିତ ହେଉଥିବାରୁ କରୋନା ହ୍ରାସ ପରେ ପିଲାମାନଙ୍କ ମାନସିକସ୍ତରରେ କିଭଳି ସୁସ୍ଥ . ହୋଇପାରିବେ ତାହା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ୱାଇସିଡିଏ ତରଫରୁ ସହାୟତା ପାଉଥିବା ୩୪ ଶିଶୁ ତଥା ଅଭିଭାବକ ଉପସ୍ଥିତ ଥିଲେ । ପ୍ରମୋଦ କୁମାର ପ୍ରଧାନ ତାଲିମଦାତା ଭାବେ ଯୋଗଦେଇଥିଲେ ।

### ବାସନ୍ତିକ ସାହିତ୍ୟ ସମାରୋହ

**ଖପ୍ରାଖୋଲ,୨୮।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପାଟଣେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବାସନ୍ତିକ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ସ୍ଥାନୀୟ ସରପଞ୍ଚ ସୁଶୀଲ କୁମାର ଗୁରୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅଧାପକ ଭିକାରି ଚରଣ ମିଶ୍ର, ମୁଖ୍ୟବକ୍ତା ଲାଠୋର କଲେଜ ଓଡ଼ିଆ ଅଧାପକ ନାରାୟଣ ପଧାନ, ସମ୍ମାନିତ ଅତିଥି ଅଧାପକ ନକୁଳ ମେହେର, ମୁରଲୀଧର ଷଡଙ୍ଗୀ, କ୍ଷୀରୋଦ୍ର ଷଡଙ୍ଗୀ, ଜ୍ୟୋତିପ୍ରକାଶ ଗଡତ୍ୟା, ବିଶ୍ୱନାଥ ଦଳପତି, ସସ୍ମିତା ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ଚର୍ଚ୍ଚା ସହ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧରେ କବି ଆଶିଷ କୁମାର ଚନ୍ଦନ, ଦିଲୀପ କୁମାର ମିଶ୍ର, ଲଲଚନ ବଗର୍ତ୍ତି, ସନ୍ତୋଷ ଦାସ, ଭକ୍ତବନ୍ଧୁ ବିଶ୍ୱାଳ, ଡା:ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କବି ଧରମ ସିଂ ଧାରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ଡାକ କର୍ମଚାରୀଙ୍କ ବୌଦ୍ଧ ମୁଖ୍ୟ ଡାକଘର ଆଗରେ ବିକ୍ଷୋଭ।



ବରଗଡ଼ ଜୀବନ ବୀମା କାର୍ଯ୍ୟାଳୟରେ କର୍ମଚାରୀଙ୍କ ଧର୍ମଘଟ ।

# ଧର୍ମଘଟରେ ଡାକ, ବ୍ୟାଙ୍କ ସେବା ପ୍ରଭାବିତ

**ବରଗଡ଼ ଅଫିସ୍,୨୮।୩**

କେନ୍ଦ୍ର ସରକାରଙ୍କ ଜନବିରୋଧୀ ଆଇନ, ନିଷ୍ପତ୍ତି ବିରୋଧରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ଦୁଇଦିନିଆ ଭାରତ ବନ୍ଦ ଡାକରା ଯୋଗୁ ବରଗଡ଼ ଜିଲାରେ ଡାକ, ବ୍ୟାଙ୍କ, ବୀମା ସେବା ପ୍ରଭାବିତ ହୋଇଛି। ଅନ୍ୟ ସେବାଗୁଡ଼ିକରେ ମଧ୍ୟ ଆଂଶିକ ପ୍ରଭାବ ଅନୁଭୂତ ହୋଇଥିଲା। ବରଗଡ଼ ଜୀବନ ବୀମା କର୍ମଚାରୀ ସଂଘ ଧର୍ମଘଟରେ ସାମିଲ ହୋଇଥିଲା। ସଂଘ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହିତ ଏକ ସଭା ହୋଇଥିଲା। ସଂଘର ନେତୃବୃନ୍ଦ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଜୀବନ ବୀମା ଉଦ୍ୟୋଗର ସୁରକ୍ଷା ସହିତ ସମସ୍ତ ରାଷ୍ଟ୍ରୀୟ ସମ୍ପତ୍ତିର ସୁରକ୍ଷା, କୃଷି ଓ କୃଷକର ଅଧିକାର ସୁରକ୍ଷା ପାଇଁ ନିବେଦନ କରାଯାଇଥିଲା। ସେହିପରି ସରକାରଙ୍କ ନୂତନ ଜାତୀୟ ପେନଶନ ନୀତି (ଏନ୍‌ପିଏସ୍)କୁ ବିରୋଧ କରାଯାଇଥିଲା। ସଭାପତି ମହେନ୍ଦ୍ର ସୁନା, ଯୁଗ୍ମ ସମ୍ପାଦକ ଚନ୍ଦ୍ରଶେଖର ରାଓ, ଉପସଭାପତି ବାବୁଲୁ ବିଭାର, ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ ସଭାପତି ଅରୁଣ ଶତପଥି, ନ୍ୟାଶନାଲ ଫେଡ଼େରେଶନ ଅଫ୍ ପୋଷ୍ଟାଲର ଏମ୍ପ୍ଲୟି, ବରଗଡ଼ର ସମ୍ପାଦକ ମହେଶ ସାହୁ, ବ୍ୟାଙ୍କ ଏମ୍ପ୍ଲୟି ଫେଡ଼େରେଶନ ଅଫ୍ ଇଣ୍ଡିଆର ସମ୍ପାଦକ ସନ୍ତୋଷ ଦାଶ ଅମୂଲ୍ୟ ପ୍ରଧାନ, ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟି ଆସୋସିଏଶନ ସମ୍ପାଦକ ଅମୂଲ୍ୟ ପ୍ରଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସେହିପରି ବରଗଡ଼ ମୁଖ୍ୟ ଡାକ କାର୍ଯ୍ୟାଳୟ କର୍ମଚାରୀମାନେ ଧର୍ମଘଟରେ ସାମିଲ ହୋଇଥିଲେ। ଏଠାରେ ମହେଶ ସାହୁ, କ୍ଷେତ୍ରପାଳ ପ୍ରଧାନ, ଶଙ୍କର କର, ମାମରାଜ ସ୍ୱାଇଁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଧର୍ମଘଟ ଯୋଗୁ ଜିଲାର ପ୍ରାୟ ସବୁଅଞ୍ଚଳରେ ଡାକ, ବ୍ୟାଙ୍କ ସେବା ପ୍ରଭାବିତ ହୋଇଥିଲା।

### ବ୍ୟାଙ୍କ ବନ୍ଦରେ ସୀମିତ ଭାରତ ବନ୍ଦ

**ସୋନପୁର,୨୮।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୨ଦିନିଆ ଭାରତ ବନ୍ଦର ପ୍ରଭାବ ସୋମବାର ଦେଖିବାକୁ ମିଳିନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସରକାରୀ, ବେସରକାରୀ ଅଫିସ, କୋର୍ଟ କଚେରି ଓ ଶିକ୍ଷାନୁଷ୍ଠାନ ଯଥାରୀତି ଖୋଲା ଥିଲା। ଯାନବାହନ ଚଳାଚଳ କରୁଥିଲେ ମଧ ସଂଖ୍ୟା କମ୍ ରହିଥିଲା। ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଖୋଲା ରହିଥିଲା। କେତେକ ବ୍ୟାଙ୍କର କର୍ମଚାରୀ ଆନ୍ଦୋଳନରେ ସାମିଲ ଥିବାରୁ ଜିଲାରେ କେବଳ ବ୍ୟାଙ୍କ ଓ ଡାକଘରଗୁଡିକ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଜିଲାରେ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହୋଇଛି। ଜିଲା ସଦର ମହକୁମା ଓ ଗ୍ରାମାଞ୍ଚଳରେ ସମାନ ସ୍ଥିତ ଦେଖିବାକୁ ମିଳିଥିଲା।

କେନ୍ଦ୍ରର ଜନବିରୋଧୀ, ଶ୍ରମିକ ମାରଣ ନୀତି ଏବଂ ସରକାରୀ ବ୍ୟାଙ୍କଗୁଡିକର ଘରୋଇକରଣ ଉଦ୍ୟମକୁ ବିରୋଧକରି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡିକ ପକ୍ଷରୁ ସୋମବାର ଓ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ତେବେ ଜିଲାରେ ଟ୍ରେଡ୍ ୟୁନିୟନଗୁଡିକର ସଂଗଠନ ସୁଦୃଢ ନ ଥିବାରୁ ଏହାର ପ୍ରଭାବ ପଡି ନ ଥିଲା। ପୂର୍ବାହ୍ନରେ ଜିଲା ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଗୋବିନ୍ଦ ମହାରଣାଙ୍କ ନେତୃତ୍ୱରେ ଶ୍ରମିକ ସଂଗଠନର କର୍ଣ୍ଣରାଜ ପ୍ରଧାନ, ରମେଶ ନନ୍ଦ, ବରୁଣ ସୁନା ଓ ଇମ୍ରାନ ମହମ୍ମଦ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

## ଧର୍ମଘଟକୁ ଓହ୍ଲାଇଲେ ବିଭିନ୍ନ ସଙ୍ଗଠନ


ବିଭିନ୍ନ ସଂଘଠନ ପକ୍ଷରୁ ବଲାଙ୍ଗୀର ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି।

**ବଲାଙ୍ଗୀର ଅଫିସ,୨୮।୩**

ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଆହୂତ ଭାରତ ବନ୍ଦର ପ୍ରଭାବ ସୋମବାର ବଲାଙ୍ଗୀରରେ ଅନୁଭୂତ ହୋଇଥିଲା। ଜିଲା ମୁଖ୍ୟାଳୟରେ ସମସ୍ତ ସରକାରୀ, ବେସରକାରୀ ଅଫିସ, କୋର୍ଟ କଚେରି, ବୀମା, ପୋଷ୍ଟ ଅଫିସ୍, ବ୍ୟାଙ୍କ ବନ୍ଦ, ଦୋକାନ ବଜାର ବନ୍ଦ ରହିଥିଲା। ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବଲାଙ୍ଗୀର ପୌର କାର୍ଯ୍ୟାଳୟ ଖୋଲାଥିବା ଜଣାପଡିବା ପରେ ଆଶାକର୍ମୀମାନେ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ପୋଲିସ ହସ୍ତକ୍ଷେପ ପରେ ଅଫିସ୍ ଭିତରୁ ଆନ୍ଦୋଳନକାରୀ ବାହାରି ଆସିବା ସହ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ନାରାବାଜି କରିଥିଲେ ।

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଅଭିଯୋଗ କରାଯାଇଥିଲା ଯେ, କୋଭିଡ୍ ମହାମାରୀର ସୁଯୋଗ ନେଇ କେନ୍ଦ୍ର ସରକାର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା ସହ ଦରମା ଆଦିର ସୁବିଧା ଦେଉନାହାନ୍ତି। ସରକାର କର୍ପୋରେଟରମାନଙ୍କ ସ୍ୱାର୍ଥକୁ ସୁରକ୍ଷା କରିବା ପାଇଁ ଶ୍ରମିକ ବିରୋଧୀ ଶ୍ରମ ଆଇନରେ ପରିବର୍ତ୍ତନ କରି ୪୪ଗୋଟି ଶ୍ରମ ଆଇନକୁ ୪ ଗୋଟି ଶ୍ରମକୋଡ୍‌ରେ ପରିବର୍ତ୍ତନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ୧୨ ଦଫା ଦାବି ପୂରଣ ପାଇଁ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦିଆଯାଇଛି। ଶ୍ରମକୋଡ୍ ବାତିଲ, ଘରୋଇକରଣ ବନ୍ଦ, ମାସିକ ସର୍ବନିମ୍ନ ମଜୁରି ୨୬ ହଜାର, ଅଙ୍ଗନୱାଡି, ଆଶା ଓ ପାଚିକାଙ୍କୁ ୱାର୍କର ମାନ୍ୟତ ଦେବା ପ୍ରମୁଖ ଦାବି ମଧ୍ୟରେ ରହିଛି । ଧର୍ମଘଟର ପ୍ରଥମ ଦିନରେ ଆଶାକର୍ମୀ ଜିଲା ସଂଯୋଜିକା ତଥା ସମ୍ପାଦିକ ଶାଶ୍ୱତା ଦାଶ, ସଭାପତି ସଞ୍ଜୁ ବାଗ, ପ୍ରଭାସିନୀ ରାୟ, ସୁରଭି ରାଉତ, ସରସ୍ୱତୀ ଗଡୁଆ, ସୁନିତା ବାରିକ, ମାନସୀ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ବିଭୁଦତ୍ତ ମିଶ୍ର, ଆକାଶ ମିଶ୍ର, ତୀର୍ଥ ପଧାନ, ଡ.ବିପିନ କୁଶଲିଆ, ରବି ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ୧୪ ଦଫା ଦାବି ନେଇ ଟ୍ରେଡ୍ ୟୁନିୟନ ସଂଘର ବିକ୍ଷୋଭ

**ଭବାନୀପାଟଣା,୨୮।୩(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ସୋମବାର ଭାରତ ବନ୍ଦ ଡାକରା ଦେଇଥିଲା ବିଭିନ୍ନ ଟ୍ରେଡ୍ ୟୁନିୟନ ସଂଘ। ଏହି ପରିପ୍ରକ୍ଷୀରେ ଭାରତ ବନ୍ଦର ପ୍ରଭାବ କଳାହାଣ୍ଡି ଜିଲାରେ ଆଂଶିକ ମାତ୍ରାରେ ଦେଖିବାକୁ ମିଳିଛି। ସିପିଆଇ, ସିପିଏମ୍‌ଏଲ୍ ଓ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦଶନ କରିଛନ୍ତି। ଅହେତୁକ ଦର ଦାମ ବୃଦ୍ଧି, ଅଙ୍ଗନୱାଡି ପାଚିକାମାନଙ୍କ ଦରମା ବୃଦ୍ଧି, ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଭଳି ୧୪ ଦଫା ଦାବି ନେଇ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବରଗାଁ ଚାମ୍ପିୟନ


ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ସିନାପାଲି,୨୮।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ଗ୍ରାମପଞ୍ଚାୟତ ଖେଲପଡିଆ ଚଚରାଭଟାଠାରେ ଚାଲିଥିବା ମା' ଭଣ୍ଡାର ମାଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଯୋଗିବାହାଲ ଦଳ ଓ ବରଗାଁ ଦଳ ମଧରେ ଫାଇନାଲ ଖେଳ ହୋଇଥିଲା। ବରଗାଁ ବ୍ୟାଟିଂ କରି ୧୨ ଓଭରରେ ୧୬୧ ରନ ସଂଗ୍ରହ କରିଥିଲା। ଜବାବରେ ଯୋଗିବାହାଲ ୧୨ ଓଭରରେ ୧୩୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭରୁଆମୁଣ୍ଡା ସରପଞ୍ଚ ବିରଞ୍ଚି ଜଗତ, ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁର, ଗରୁଡ ଧ୍ୱଜ ବେହେରା, ନିଳମଣି ମାଝି, ଜୟ ଛତ୍ରିଆ, ଭୁଜବଳ ଜଗତ, ଧନୁର୍ଯ୍ୟ ମାଲି, ମହେନ୍ଦ୍ର ମାଝି, ତ୍ରିଲୋଚନ ନିଆଲ, ରୁଦ୍ର ଛତ୍ରିଆ, ଗଜିନ୍ଦ୍ର ବାଗ, ସୁବାସ ଛତ୍ରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟଙ୍କଧର ଭୋଇ ଓ ଦିଲୀପ ବାଗ ଖେଳ ପରିଚାଳନା କରିଥିଲେ। ମା' ଭଣ୍ଡାର ମାଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ବିଘ୍ନରାଜ ତାଣ୍ଡି, ଉପସଭାପତି ମନମୋହନ ମାଝି, ସମ୍ପାଦକ ଝସକେତନ ତାଣ୍ଡି, ପ୍ରଶାନ୍ତ ଛତ୍ରିଆ, ଭୋଲା ନାଗ, ଅମିତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଅଣଧାନ ଚାଷ ଫସଲ ଯୋଜନା ପ୍ରକ୍ରିୟାକରଣ ତାଲିମ

**ପଲମ,୨୮।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ଆଲିମ ଗ୍ରାମର ମଙ୍ଗଳାଜୋର ନିକଟରେ ସୋମବାର ମ.ରାମପୁର ସେବା ଜଗତସ୍ତରୀୟରୁ ଅଣଧାନ ଚାଷ ଫସଲ ଯୋଜନା ପ୍ରକ୍ରିୟାକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲିମ ଦାତା ଭାବେ ନର୍ଲା କୃଷି ଅଧିକାରୀ ରଜତ କୁମାର ମିଶ୍ର, ଭିଏଡବ୍ଲୁ ସୁନୀଲ କୁମାର ଭୋଇ, ଘୋଡାବନ୍ଧ ଭିଏଡବ୍ଲୁ ସୁଜିତ ସିଂ ମାଝି ପ୍ରମୁଖ ଆଲିମ ଗ୍ରାମର ୫୦ଜଣ ଚାଷୀଙ୍କୁ ଏହି ବିଷୟରେ ତାଲିମ ପ୍ରଦାନ କରିଥିଲେ। ମ.ରାମପୁର ସେବା ଜଗତ ପ୍ରକଳ୍ପ ସଂଯୋଜକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଳା ସଂସ୍କୃତି ପ୍ରୋତ୍ସାହନ, ଜିଲାସ୍ତରୀୟ ଯୁବ ସମ୍ମେଳନ

**ନୂଆପଡ଼ା ଅଫିସ,୨୮।୩**

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ମାରାଗୁଡା ମଣ୍ଡାପରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର ନୂଆପଡା ଆନୁକୂଲ୍ୟରେ କଳାସଂସ୍କୃତିକୁ ପ୍ରୋତ୍ସାହନ ଓ ଜିଲାସ୍ତରୀୟ ଯୁବସମ୍ମେଳନ ଆୟୋଜିତ ହୋଇଯାଇଛି। ନୂଆପଡା ନେହେରୁ ଯୁବ କେନ୍ଦ୍ର ଅଧିକାରୀ ଆଶିଷ କୁମାର ଠାକୁରଙ୍କ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ପ୍ରାୟତ ନେହେରୁ ଯୁବକେନ୍ଦ୍ର ସହ ଅନୁମୋଦିତ ଯୁବ ସଙ୍ଗଠନ ଯୋଗଦାନ କରିଥିଲେ। ମାରାଗୁଡା ମଣ୍ଡପଠାରେ ସବୁ ଯୁବକ ସଂଘ ଏକତ୍ରିତ ହେବା ପରେ ସର୍ବପ୍ରଥମେ ଏକ ସାଂସ୍କୃତିକ ସଦଭାବନା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ନୂଆପଡା ଓକିଲ ସଂଘ ସଭାପତି ତଥା ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଓଡ଼ିଶା କ୍ରିକେଟ ସଂଘ ଉପସଭାପତି ତଥା ଜିଲା କ୍ରିକେଟ ସଂଘ ସମ୍ପାଦକ ଭୈରବ ସାହୁ, ଜଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ ପ୍ରମୁଖ ଉପସ୍ଥିତ ରହି ସାଂସ୍କୃତିକ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଅବିଭକ୍ତ କଳାହାଣ୍ଡି ଜିଲାର ସମସ୍ତ ଲୋକ କଳାକୁ ପ୍ରଦର୍ଶିତ କରିବା ପାଇଁ ଯୁବକ ସଂଘ ପକ୍ଷରୁ ପ୍ରଚେଷ୍ଟା କରାଯାଇ ଘୁମୁରା ବାଦ୍ୟ, ଗଉଡବାଡି, ସମ୍ବଲପୁରୀ ଡାଲଖାଇ ନୃତ୍ୟ ଆଦି ଅନେକ ଦଳ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ସତ୍ୟ ପଟ୍ଟନାୟକ, ଶିବ ବେହେରା, ବିଇଓ ନୂଆପଡା ହେମସାଗର ମହାନନ୍ଦ, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## କଲଭର୍ଟ ନିର୍ମାଣକୁ ନେଇ ବିବାଦ

**ଲୋଇସିଂହା,୨୮।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଆଗଲାପାଲି ଆରଡି ରାସ୍ତାରେ ଏକ କଲଭର୍ଟ ନିର୍ମାଣ ଆରମ୍ଭ ହୋଇଛି । ଆଗଲାପାଲି ଗ୍ରାମ ଦେଇ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଦେଇ ବିଲାଇସର୍ଡା ଏବଂ ବଲାଙ୍ଗୀରକୁ ରାସ୍ତା ସଂଯୋଗୀକରଣ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ବିଭାଗ ପକ୍ଷରୁ ଅଗଲାପାଲିର ୫୦ ମିଟର ଉପରକୁ ଏକ କଲଭର୍ଟ ନିର୍ମାଣ ଆରମ୍ଭ ହୋଇଛି । ଭାଲିଆମୁଣ୍ଡା ପଟରୁ ଗଲାବେଳେ ଡାହାଣ ପଟରୁ ପିଚୁରାସ୍ତା ୩ଫୁଟ ଖୋଳାଯାଇଛି। ହେଲେ ରାସ୍ତାର ଅପରପାର୍ଶ୍ୱରେ ଥିବା ଚାଷଜମି ମାଲିକ ଏହାକୁ ବିରୋଧ କରୁଥିବାରୁ କଲଭର୍ଟ ଗାତ ଖୋଳା ଯାଇପାରିନାହିଁ। ଉକ୍ତ ସ୍ଥାନରେ କଲଭର୍ଟ ହେଲେ ବାହାଲ ଜମିର ବର୍ଷା ପାଣି ମାଡି ସେହି ଚାଷଜମି ନଷ୍ଟ ଆଶଙ୍କା କରି କାମକୁ ବିରୋଧ କରୁଥିବା ଗ୍ରାମବାସୀ କହିଛନ୍ତି। ଚାଷୀଙ୍କ ବିରୋଧ ଯୋଗୁ କାମ ଆଗେଇ ପାରୁନାହିଁ। ପ୍ରଶାସନର ହସ୍ତକ୍ଷେପ ପରେ ମଧ୍ୟ ବିବାଦର ସମାଧାନ କରାଯାଇ ପାରିନାହିଁ। ଏଥିଯୋଗୁ ଗତ ଦୁଇ ସପ୍ତାହ ହେଲା ଲୋକେ ଚାଷଜମି ବାଇପାସ୍ ରାସ୍ତାରେ ବଡ଼କଷ୍ଟରେ ଯିବା ଆସିବା କରୁଛନ୍ତି। ବିବାଦ ଯୋଗୁ କଲଭର୍ଟ ନିର୍ମାଣକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ସମସ୍ୟାର ତୁରନ୍ତ ସମାଧାନ କରି ନିର୍ମାଣ କାମ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି ।


କଲଭର୍ଟ ନିର୍ମାଣ ପାଇଁ ରାସ୍ତା ଖୋଳି ପକାଇ ଦିଆଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୯ ମାର୍ଚ୍ଚ, ୨୦୨୨



**ଲକ୍ଷାଧିକ ଟଙ୍କାର କାଠ ଜବତ**

ରାଉରକେଲା ଅଫିସ : ରାଉରକେଲା ଗୋପବନ୍ଧୁପାଲୀ ଅଞ୍ଚଳରେ ଥିବା ଟିମ୍ବର କଲୋନୀରେ ଥିବା ଏକ ଗୋଦାମରେ ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ ଜବତ କରିଛି। ବନ ବିଭାଗ ଅଧିକାରୀମାନେ ସୋମବାର ସକାଳ ସାଢ଼େଜବତ କାଠର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସମ୍ପୃକ୍ତ ବ୍ୟବସାୟୀ ଫେରାର ଅଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଯଥାଶୀଘ୍ର ଏହି କାଠ ମାଫିଆ ମାନଙ୍କୁ ଗିରଫ କରାଯିବ ବୋଲି ବନ ଅଧିକାରୀ ସେଠି ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୮।୩:** ରାଉରକେଲା ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପରେଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ କ୍ୟାପଟେନ ସତ୍ୟନାରାୟଣ ରାଉତ ଶିବିର ପରିଚାଳନା କରିବା ସହିତ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତାଲିମ ଶିବିରରେ ଛାତ୍ରୀ ନୟନା ମୁଖୀ, ରିତିକା ମହାତୋ, ନିକୁ କୁମାରୀ ସମସ୍ତ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଶିବିର ୧୬ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି କ୍ୟାପଟେନ ରାଉତ ସୂଚନା ଦେଇଛନ୍ତି।

### ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପିତ

**ଝାରସୁଗୁଡ଼ା ଅଫିସ,୨୮।୩:** ଲଇକେରା ବ୍ଲକ ଝରିଆବାହାଲ ଗ୍ରାମରେ ୩ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୁରୋହିତ ଭାବେ ଗୋଡ଼ଭଗା ଆଶ୍ରମର ଦେବାନନ୍ଦ ଶାସ୍ତ୍ରୀ, ବେଦବ୍ୟାସ ଆଶ୍ରମର ଜଗବନ୍ଧୁ ଶାସ୍ତ୍ରୀ ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବୌଦ୍ଧିକ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଓ ଗାଇସିଲେଟର ରବିନାରାୟଣ ଦାସ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ବିଶ୍ୱଶାନ୍ତି ପାଇଁ ଆଧାତ୍ମିକତା କିପରି ସହଯୋଗୀ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପୁଲସ୍ତି ପଟେଲ, ଉତ୍ତମ ପଟେଲ, ସଞ୍ଜିତ ନାୟକ, ରମାକାନ୍ତ ନାୟକ, ଏକଲବ୍ୟ ଦାସ, ପଞ୍ଚାନନ ତ୍ରିପାଠୀ ସତ୍ତ୍ୱିକ ଯଜ୍ଞ କର୍ତ୍ତା ଭୂମିକା ନିଭାଇଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ



**ଝାରସୁଗୁଡ଼ା ଅଫିସ,୨୮।୩:** କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଅଙ୍ଗନୱାଡ଼ି କେନ୍ଦ୍ର ଦୀର୍ଘଦିନ ହେଲା ବନ୍ଦ ରହିଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହା ସୋମବାର ଖୋଲିଛି। ଏହି ପରିପ୍ରେକ୍ଷୀରେ ଲଖନପୁର ବ୍ଲକ୍ ପଣ୍ଡରୀ ଗ୍ରାମରେ ଥିବା ଅଙ୍ଗନୱାଡି (କ) ଓ (ଖ) କେନ୍ଦ୍ର ଖୋଲିଥିବାବେଳେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ପଞ୍ଚାୟତ ତରଫରୁ ଅଭିନବ ପ୍ରୟାସ କରାଯାଇଛି। ଖୋଲ, ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ର ବଜାଇ ଛାତ୍ରୀଛାତ୍ରଙ୍କୁ ଶୋଭାଯାତ୍ରାରେ ଅଙ୍ଗନୱାଡି କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଅଭିଭାବକ ଓ ଅଙ୍ଗନୱାଡି କର୍ମୀଙ୍କୁ ସଚେତନ କରାଯାଇଥିଲା। ଏଥିରେ ପଣ୍ଡରୀ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ସୁବାସିନୀ ସାହୁ, ସମିତିସଭ୍ୟା ଖିରବତୀ ସାହୁ, ନାଏବ ସରପଞ୍ଚ ପ୍ରେମାନନ୍ଦ ମିର୍ଦ୍ଧା, ୱାର୍ଡମେମ୍ବର, ଗ୍ରାମର ଭଦ୍ରବ୍ୟକ୍ତି ଗୋବିନ୍ଦ ମେହେର, ସଦାନନ୍ଦ ପ୍ରଧାନ, ଅଙ୍ଗନୱାଡି କର୍ମୀ ମୋହିନ ପ୍ରଧାନ ଓ କଳ୍ପନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରେଡ୍ ୟୁନିୟନର ୨ ଦିନିଆ ଧର୍ମଘଟ

**ସମ୍ବଲପୁର,୨୮।୩(ବ୍ୟୁରୋ)**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ୨ଦିନିଆ ବନ୍ଦ ଡାକରାକୁ ସମର୍ଥନ କରି ସମ୍ବଲପୁର ଜିଲାର ବିଭିନ୍ନ ସଙ୍ଗଠନ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲା। କର୍ମକର୍ତ୍ତାମାନେ ଜିଲାପାଳଙ୍କ ଅଫିସ, ଆର୍‌ଡିସି, କଚେରି ଛକରେ ପିକେଟିଂ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ଶ୍ରମିକ ଆଇନ ସଂଶୋଧନ ବିଲ, କୃଷି ସମସ୍ୟା, ସର୍ବ ନିମ୍ନ ଦରମା, ଦରମାମ ବୃଦ୍ଧି, ଠିକାଦାରି ପ୍ରଥା, ବେକାରୀ ସମସ୍ୟା ସମାଧାନ, ୪ ଶ୍ରମ କୋଡ ବାତିଲ ଭଳି ୧୨ ଦଫା ଦାବିରେ ବନ୍ଦ ପାଳନ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଆଇଏନ୍‌ଟିୟୁସି, ଏଆଇଟିୟୁସି,ଏଚ୍‌ଏମ୍‌ଏସ୍, ସିଟୁ ଆଦି ସଙ୍ଗଠନ ଆନ୍ଦୋଳନରେ ସାମିଲ ଥିଲେ। ଶ୍ରମିକ ନେତା ବିଜୟ କୁମାର ମହାନ୍ତି, ଗୋକୁଳ ମେହେର, ସଞ୍ଜିତ ମହାନ୍ତି, ବଲରାମ ଦାସ, ମହମ୍ମଦ ମୁର୍ତ୍ତୁଜା, ନାଟୁ ଗୋପାଳ, ରବିନ୍ଦ୍ର ମହାନ୍ତି, ସରୋଜିନୀ ଅଚାର୍ଯ୍ୟ, ପ୍ରଣୟ ନାୟକ, ସୁଶିଲ ସେଠ, ଆଶୋକ କୁମାର ବିଶୀ, ରଘୁମଣି ଦାସ ଓ ଭି ରାମା ରାଓ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ବ୍ୟାଙ୍କ ୟୁନିୟନ ପକ୍ଷରୁ ବୁଢାରଜା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବୋଦର ମିଶ୍ର, ଉମାଶଙ୍କର ଯୋଶୀ, ଦୀପନିତା ବିଶ୍ୱାସ, ସମୀର କୁମାର ନାଥ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।




ବୁଢାରଜା ପିଏନ୍‌ବି ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ବ୍ୟାଙ୍କ କର୍ମଚାରୀ।

## ଝାରସୁଗୁଡ଼ାରେ ବନ୍ଦ ପ୍ରଭାବଶୂନ୍ୟ

**ଝାରସୁଗୁଡ଼ା ଅଫିସ,୨୮।୩**

୧୨ଦଫା ଦାବିନେଇ ଅଖିଳ ଭାରତ ଟ୍ରେଡ୍ ୟୁନିୟନ ତରଫରୁ ଦେଶବ୍ୟାପୀ ୨ଦିନିଆ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲାରେ କେତେକ ଟ୍ରେଡ୍ ୟୁନିୟନ ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ ଏହାର ସେଭଳି ପ୍ରଭାବ ଦେଖିବାକୁ ମିଳିନାହିଁ। ସହରରେ ଦୋକାନବଜାର ଓ ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିଲା। ଆନ୍ଦୋଳନରେ ଏଆଇଟିୟୁସି, ଆଇଏନ୍‌ଟିୟୁସି, ସିଆଇଟିୟୁ, ଆମ୍ ଆଦ୍‌ମୀ ପାର୍ଟି, ଜିଲା କୃଷକ ସଙ୍ଗଠନ, ସମ୍ମିଳିତ ଆଦିବାସୀ ସମାଜ, ପଶ୍ଚିମାଞ୍ଚଳ ଏକତା ମଞ୍ଚ, ଘରୋଇ ବସ୍ କର୍ମଚାରୀ ସଂଘ, ଜୀବନ ବୀମା କର୍ମଚାରୀ ସଂଘ ଓ ଓରିଏଣ୍ଟ ପେପରମିଲ୍ କର୍ମଚାରୀ ସଂଘର ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ କେନ୍ଦ୍ର ଭାଜପା ସରକାରଙ୍କ ବିରୋଧରେ ସ୍ଲୋଗାନଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଝାରସୁଗୁଡ଼ା-ରାଉରକେଲା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ସାରଙ୍ଗଧର ମିଶ୍ର, ସୁରେନ୍ଦ୍ର ସାହୁ, ମହେନ୍ଦ୍ର ନାୟକ, ଗୌରୀଶଙ୍କର ପାତ୍ର, ମହେନ୍ଦ୍ର ମିଶ୍ର, ବାସୁଦେବ ଧୁରୁଆ ପ୍ରମୁଖ ଶତାଧିକ ଆନ୍ଦୋଳନକାରୀଙ୍କୁ ଉଠାଇନେଇ ରିଜର୍ଭ ବାରାକ୍‌ରେ ରଖିଥିଲା। ପରେ ସେମାନଙ୍କୁ ପିଆର୍ ବଣ୍ଡରେ ଛାଡ଼ିଥିଲା। ଝାରସୁଗୁଡା ବୀମା କର୍ମଚାରୀ ସଂଘ ତରଫରୁ ବେହେରାମାଲ ଏଲ୍‌ଆଇସି କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୧୦ଟାରୁ ଧାରଣା ଆରମ୍ଭ ହୋଇଥିଲା। ଏଥିରେ ଅରୁଣ ଚଇନି, ବେଦବ୍ୟାସ ଭୋଇ, ରତ୍ନାକର ପ୍ରଧାନ, ନବୀନ ସିହ୍ନା, ଶଶିଭୂଷଣ ସା, କନକ ନାୟକ, ସାବିତ୍ରୀ ଡୁଡୁମ, ଦୀପିକା ବକ୍ସା ପ୍ରମୁଖ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ଜିଲାର ବିଭିନ୍ନ ବ୍ୟାଙ୍କ କର୍ମଚାରୀ ନିଜ ନିଜ ବ୍ୟାଙ୍କରେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା।




ଏଲ୍‌ଆଇସି ଅଫିସ୍ ସମ୍ମୁଖରେ ବୀମା କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

## ସୁନ୍ଦରଗଡ଼ ଜିଲାରେ ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ: ୪ ଗିରଫ

**ସମ୍ବଲପୁର,୨୮।୩ (ବ୍ୟୁରୋ)**

ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀମାନେ ବକେୟା ବିଦ୍ୟୁତ ବିଲ ସଂଗ୍ରହ କରିବାକୁ ଦୁଇଦିନ ପୂର୍ବେ ସୁନ୍ଦରଗଡ ଜିଲା ଡିଭିଜନ ଗୋପାଳପୁର ସେକ୍ସନ ଅଧୀନ ତିସୁରିଆ ଗ୍ରାମକୁ ଯାଇଥିଲେ। ଉକ୍ତ ଗ୍ରାମର ୪ଜଣ ବ୍ୟକ୍ତି ଲାଇନମ୍ୟାନ କିଶୋର ଚନ୍ଦ୍ର ରାଉତଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ପରେ ହିମଗିରି ପୋଲିସ ତଦନ୍ତ କରି ସରୋଜ କୁମାର ସାହୁ(୧୯), ପ୍ରଶାନ୍ତ ସାହୁ(୩୬), ସନାତନ ସାହୁ(୩୧) ଓ ବେଣୁଧର ସାହୁ(୫୭)ଙ୍କୁ ଗିରଫ କରିଥିଲା। ଏମାନଙ୍କ ନାମରେ ଆଇପିସି ଧାରା ୧୪୭, ୪୪୮, ୪୫୨, ୨୯୪, ୩୨୩, ୫୦୬, ୪୨୭, ୧୪୯ରେ ମାମଲା ରୁଜୁ କରାଯାଇଛି। ଜନସାଧାରଣ କର୍ମଚାରୀ ଓ ଅଧିକାରୀଙ୍କୁ ସହଯୋଗ କରିବାକୁ କମ୍ପାନୀର ମୁଖ୍ୟ କର୍ପୋରେଟର କମ୍ୟୁନିକେଶନ ଏବଂ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

**ଜମନକିରା,୨୮।୩(ଡି.ଏନ୍.ଏ.)**

ଜମନକିରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଜୟଶ୍ରୀ ପଟ୍ଟନାୟକ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜନ ପ୍ରତିନିଧି ଓ ସଦସ୍ୟମାନଙ୍କୁ ବୈଠକର ତାତ୍ପର୍ଯ୍ୟ ବିଷୟରେ ଅବଗତ କରିଥିଲେ। ପରେ ଚାଇଲ୍ଡଲାଇନ କର୍ମୀ ଶ୍ୱେତାଙ୍ଗିନୀ ବାରିକ ବାଲ୍ୟବିବାହ, ଶିଶୁ ନିର୍ଯ୍ୟାତନା, ଯୌନ ନିର୍ଯ୍ୟାତନା, ଶିଶୁ ଶ୍ରମିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧୀନରେ ଥିବା ଶିଶୁ ଅଧିକାର ସୁରକ୍ଷାଭିତ୍ତିକ ସରକାରୀ ଯୋଜନା, ପୋଷ୍ୟ ସନ୍ତାନ ନିୟମ ସମ୍ପର୍କରେ ଅବଗତ କରିଥିଲେ। ବାଲ୍ୟବିବାହ ନିରାକରଣ, ଶିଶୁ ଅଧିକାର, ଓଡ଼ିଶା ସରକାରଙ୍କ ଆଶୀର୍ବାଦ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ବୈଠକରେ ଜମନକିରା ପୋଲିସ ଅଧିକାରୀ, ଶିକ୍ଷା ଅଧିକାରୀ ଓ ଅନ୍ୟ ସଭ୍ୟାସଭ୍ୟଙ୍କୁ ସାମିଲ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଶ୍ରୀପତି ଦେହୁରିଙ୍କ ସମେତ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଜମନକିରା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର କ୍ଷେତ୍ର ପରିଚାଳିକା ପ୍ରମୁଖ ଉପସ୍ଥିତ ଥିଲେ।

# ସାଙ୍ଗଠନିକ ସମ୍ପାଦକଙ୍କୁ ଭେଟିଲେ ବ୍ଲକ ଅଧ୍ୟକ୍ଷା

**ସମ୍ବଲପୁର,୨୮।୩(ବ୍ୟୁରୋ)**

ଭୁବନେଶ୍ୱରଠାରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଓ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସୋମବାର ନବ ନିର୍ବାଚିତ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ ଭେଟିଛନ୍ତି। ଦଳ ସମର୍ଥନରେ ଅଧ୍ୟକ୍ଷା ହେବା ପରେ ସେ ପ୍ରଥମଥର ସାକ୍ଷାତ କରିଛନ୍ତି। ଦଳୀୟ ମତଭେଦ ଛାଡି ଲୋକଙ୍କ ପାଇଁ କାମ କରିବା ସହ ଦଳୀୟ ସଙ୍ଗଠନ ପାଇଁ ଆହୁରି କାମ କରିବାକୁ ଦୁଇ ନେତୃତ୍ୱ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବରୁଣ ଦେହୁରି ଓ ସମର୍ଥକ ଉପସ୍ଥିତ ଥିଲେ। ସୂଚନାଥାଉ କି ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ନାକଟିଦେଉଳ ବ୍ଲକ ରହିଛି। ଏହି ବ୍ଲକରେ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କୁ ବିରୋଧ କରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ସମାନ୍ତରାଳ ଭାବେ ଦଳ ପାଇଁ କାମ କରିଆସୁଛନ୍ତି। ହେଲେ ଚଳିତ ପଞ୍ଚାୟତ ନିର୍ବାଚନରେ ସୁଦର୍ଶନଙ୍କୁ

**ଲୋକଙ୍କ ସେବା, ସଙ୍ଗଠନ କାର୍ଯ୍ୟ ପାଇଁ ପରାମର୍ଶ**

ଦଳ ପାଇଁ କାମ କରିବାକୁ ମନାଇ ପାରିଥିଲା। ମନ୍ତ୍ରୀ ସିଂ ଓ ସାଙ୍ଗଠନିକ ସମ୍ପାଦକ ଦାସ ସିଧାସଳଖ ହସ୍ତକ୍ଷେପ କରିଥିଲେ। ସେମାନେ ସ୍ଥାନୀୟ ନେତା ବରୁଣଙ୍କୁ ବ୍ଲକରେ ଦଳ ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକର ୨ ଗୋଟି ଜିଲା ପରିଷଦ ଜୋନ ବିଜେଡି ହାତକୁ ଆସିଥିଲା। ପରେ ବିଜେଡିର ଅନ୍ୟ ଗୋଷ୍ଠୀ ଓ ଭାଜପା ସମର୍ଥନ ମିଳିତ ଭାବେ ଅଧ୍ୟକ୍ଷା ପଦ ପାଇଁ ଚେଷ୍ଟା କରିଥିଲେ। ହେଲେ ସୁଦର୍ଶନଙ୍କ ପୁତ୍ରବଧୂ ସ୍ୱରୁପାରାଣୀ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ।



ଶ୍ରମମନ୍ତ୍ରୀ ଓ ସାଙ୍ଗଠନିକ ସମ୍ପାଦକଙ୍କ ସହ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: ସମ୍ବଲପୁର ଜିଲା ପ୍ରତିଯୋଗୀଙ୍କ କୃତିତ୍ୱ

**ସମ୍ବଲପୁର,୨୮।୩(ବ୍ୟୁରୋ)**

ରାୟଗଡ଼ା ଜିଲା ଟିକିରୀଠାରେ ରୋଶନ କ୍ଲାସିକ ପକ୍ଷରୁ ଆୟୋଜିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସମ୍ବଲପୁର ବଡି ବିଲଡର ଆଣ୍ଡ ଫିଟନେସ ଆସୋସିଏଶନର ପ୍ରତିଯୋଗୀ ଭାଗ ନେଇଥିଲେ। ବିଭିନ୍ନ ବର୍ଗରେ କପିଳ ତାଣ୍ଡି, ବୀରୁ ବେରିହା, ଶଙ୍କର ମେହେର, ଭୋଲା ନାୟକ, ବିକାଶ ରାମ, ସୌମ୍ୟ ରଞ୍ଜନ ପ୍ରଧାନ, ଚିନ୍ମୟ ପ୍ରସାଦ, ରାକେଶ ଶର୍ମା ଓ ସୌମ୍ୟ ରଞ୍ଜନ ପ୍ରଧାନ କୃତିତ୍ୱ ହାସଲ କରି ସମ୍ବଲପୁର ଜିଲା ପାଇଁ ଗୌରବ ଆଣିଛନ୍ତି। ସୋମବାର ସନ୍ଧ୍ୟାରେ ପ୍ରତିଯୋଗୀମାନେ କ୍ଷେତରାଜପୁର ରେଳ ଷ୍ଟେଶନଠାରେ ପହଞ୍ଚିବା ପରେ ଜିଲା ସଂଘ ସଭାପତି ସତୀଶ ବିଶି, କାର୍ଯ୍ୟକାରୀ ସଭାପତି ନିଶାନ୍ତ ବହିଦାର, ସମ୍ପାଦକ ଅମିତାବ ପରିଡା, କାର୍ଯ୍ୟକାରୀ ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ, ଉପଦେଷ୍ଟା ସତ୍ୟେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ ।



ସମ୍ବଲପୁର ଷ୍ଟେଶନରେ କୃତୀ ପ୍ରତିଯୋଗୀଙ୍କୁ ସ୍ୱାଗତ କରାଯାଉଛି ।

## ଆରଏସ୍‌ପି ହକି ଦଳ ଚାମ୍ପିୟନ

**ରାଉରକେଲା ଅଫିସ,୨୮।୩**

ରାଉରକେଲା ଇସ୍ପାତ କାରଖାନା ହକି ଦଳ ଏସ୍‌ପିଏସ୍‌ବି ଆନ୍ତଃ ଇସ୍ପାତ କାରଖାନା ହକି ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଛି। ଉକ୍ତ ଚାମ୍ପିୟନଶିପ୍ ଟାଟା ଷ୍ଟିଲ ଦ୍ୱାରା ଷ୍ଟିଲ ପ୍ଲାଣ୍ଟ ସ୍ପୋର୍ଟ୍ସବୋର୍ଡ (ଏସ୍‌ପିଏସ୍‌ବି) ସହଭାଗିତାରେ ନାଭାଲ ହକି ଏକାଡେମୀ ଆଇଏସ୍‌ଡବ୍ଲୁପି ସ୍ପୋର୍ଟ୍ସ କମ୍ପଲେକ୍ସ ଜାମସେଦପୁରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସେଲ୍ ହକି ଏକାଡେମୀର ଆରଏସ୍‌ପି ଦଳ ଫାଇନାଲ ମ୍ୟାଚ୍‌ରେ ଟାଟା ଷ୍ଟିଲକୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏ ନେଇ ଆରଏସ୍‌ପିର ସାମଗ୍ରୀ ପରିଚାଳନା ଓ ମାର୍କେଟିଂ ବିଭାଗ ପକ୍ଷରୁ ସିଜିଏମ୍ ଇନ୍‌ଚାର୍ଜ ସି.ଆର ମହାପାତ୍ର ବିଜୟୀ ଆରଏସ୍‌ପି ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରୋଟୋକଲ ଓ ହସ୍ପିଟାଲ ତଥା ସମାଜ କଲ୍ୟାଣ ବିଭାଗର ଜିଏମ୍ ବି. କେ. ରାଉତ ଓ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**କୁଚିଣ୍ଡା,୨୮।୩(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁତୁରାଚୁଆଁ ଯୁକ୍ତ୨ କଲେଜରେ ସୋମବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁତୁରାଚୁଆଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ନିଜ ସୁରକ୍ଷା ନିଜେ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଭାବନା ପାଣ୍ଡେ, ଅଧ୍ୟାପକ ସତ୍ୟନାରାୟଣ ପଟେଲ ପ୍ରମୁଖ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ସୁଦୀପ୍ତା ସାହୁ, ମାଷ୍ଟର ଟ୍ରେନର ଉପାସୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ରଞ୍ଜିତା ସା, ଗ୍ରନ୍ଥାଗାରିକ ଦେବାନନ୍ଦ ମହାପାତ୍ର, ଡିଇଓ ସମିନ ରଞ୍ଜନ ନାଏକ, ପିଅନ ଜୟଦେବ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଯୁକ୍ତ୨ ପ୍ରଥମ ବର୍ଷର ସମସ୍ତ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ଶେଷରେ ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଧନ୍ୟବାଦ ଦେଇଥିଲେ।




ଶିବିରରେ ଯୋଗଦେଇଥିବା ଅତିଥିମାନେ।

## କ୍ରିକେଟ ଟୁର୍ନାମେଣ୍ଟ: ବ୍ଲୁ ଇଲେଭେନ ଚାମ୍ପିୟନ

**ଝାରସୁଗୁଡ଼ା ଅଫିସ,୨୮।୩**

ଲଖନପୁର ବ୍ଲକ ଜାମଗାଁ ପଞ୍ଚାୟତ ଅନ୍ତର୍ଗତ କାଳୀ ମନ୍ଦିର କେପିଏଲ୍ କ୍ରିକେଟ ଟିମ ଦ୍ୱାରା ଆୟୋଜିତ ତ୍ରି ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ। ବ୍ଲୁ ଇଲେଭେନ ଇନ୍ଦ୍ରପୁର ଓ ସୁନ୍ଦରଗଡ ଜିଲା ଲମ୍ଭେଇବାହାଲ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଲମ୍ଭେଇବାହାଲକୁ ହରାଇ ବ୍ଲୁ ଇଲେଭେନ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ଲଖନପୁର ଜୋନ ୧ ଜିଲା ପରିଷଦ ସଦସ୍ୟ ସନତ କୁମାର ସିଂହ ମୁଖ୍ୟଅତିଥି, ଜାମଗାଁ ସରପଞ୍ଚ ଗୋପୀନାଥ ସାଏ, ଏମ୍‌ପିଙ୍କ ପ୍ରତିନିଧି ସୁଦାମ ପଧାନ, ସାମାଜିକ କର୍ମୀ ନରେନ୍ଦ୍ର ତିହିରିଆ, ମହେନ୍ଦ୍ର ଭୋଇ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଭାକୁ କୃଷ୍ଣଚନ୍ଦ୍ର ବାରିକ ପରିଚାଳନା କରିଥିବା ବେଳେ ସୁରଜ ସୁଲି ଧନ୍ୟବାଦ ଦେଇଥିଲେ।

# ନାକଟିଦେଉଳ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**ନାକଟିଦେଉଳ,୨୮।୩(ଡ଼ି.ଏନ.ଏ.)**

ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପ୍ରଥମବର୍ଷ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ କନ୍ଦର୍ପ ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମ ସୁରକ୍ଷା ତାଲିମ ଶିବିରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସଂଯୋଜିକା ଅଧ୍ୟାପିକା ବିନୀତା ମୁର୍ମୁ, ଅଧ୍ୟାପକ ସଞ୍ଜୀବ କୁମାର ଦାଶ, କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରିୟ ପ୍ରଧାନ, ଅଧ୍ୟାପକ ହେମାନନ୍ଦ ବିଶ୍ୱାଳ, ଛାତ୍ରୀନିବାସ ମେଟ୍ରନ ବୈଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୮ଦିନ ଧରି ଚାଲିବାକୁ ଥିବା ଶିବିରରେ ଦୀପାଞ୍ଜଳି ବାର୍ଲା ମାଷ୍ଟର ଟ୍ରେନର ଭାବେ ଯୋଗଦେଇଛନ୍ତି। ୧୪୯ ଛାତ୍ରୀ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି।



ତାଲିମ ଗ୍ରହଣ କରୁଥିବା ଛାତ୍ରୀମାନେ।

# ପାନୀୟଜଳ ସମସ୍ୟା, ପଡ଼ାବାସୀଙ୍କ ଅଭିନବ ପ୍ରତିବାଦ

**ଜମନକିରା,୨୮।୩(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଫାଶୀମାଲ ପଞ୍ଚାୟତର ଗୟଲମୁଣ୍ଡି ଗାଁ ମୁଦିପଡ଼ାରେ ଏବେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପଡ଼ାବାସୀ ଅଭିନବ ଢଙ୍ଗରେ କାଠରେ ନଳକୂପ ତିଆରି କରି ଏହାର ପ୍ରତିବାଦ କରିଛନ୍ତି। ମୁଦିପଡ଼ାର ସଂସାର ଲୁହୁରା, ସାନୁ ମାଝି, ସୁଶାନ୍ତ ମଲାର, ପ୍ରଶାନ୍ତ ମଲାର, ଲୁଚନ ବେହେରା ପ୍ରମୁଖଙ୍କ କହିବା ଅନୁଯାୟୀ ସେମାନେ ୧୫ ପରିବାର ପ୍ରାୟ ୪/୫ବର୍ଷ ହେବ ବସବାସ କରିଆସୁଛନ୍ତି। ହେଲେ ନଳକୂପଟିଏ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେମାନେ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ବାଧ୍ୟହାଇ ୧ କି.ମି. ଦୂରରେ ଥିବା ଏକ ନଳକୂପରୁ ପାଣି ସଂଗ୍ରହକରି ଚଳୁଛନ୍ତି। ବର୍ତ୍ତମାନ ପ୍ରବଳ ଖରାରେ ଏତେ ଦୂରରୁ ପାଣି ଆଣିବା କଷ୍ଟକର ହୋଇପଡୁଛି । ଗ୍ରାମର ନମିତା ଲୁହୁରା କହନ୍ତି, ଖରାତାତି ଯୋଗୁ ଆମେ ମହିଳାମାନେ ପାହାନ୍ତିଆରୁ ଉଠି ପାଣି ଆଣିବା ପାଇଁ ଯାଉଛୁ। ପଡ଼ାରେ ତୁରନ୍ତ ଏକ ନଳକୂପ ସ୍ଥାପନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମାଧବୀଲତା ବରିହାଙ୍କୁ ପଚାରିବାରୁ ସେ କହିଥିଲେ, ନିକଟରେ ମୁଁ ଦାୟିତ୍ୱ ଗ୍ରହଣ କରିଛି। ପାଣି ସମସ୍ୟା ବିଷୟରେ ଜାଣିନାହିଁ। ତଥାପି ଖୁବ୍‌ଶୀଘ୍ର ଉକ୍ତ



କାଠରେ ନଳକୂପ ତିଆରି କରି ପ୍ରତିବାଦ କରୁଛନ୍ତି ପଡ଼ାବାସୀ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୯ ମାର୍ଚ୍ଚ, ୨୦୨୨

## ଚାଉଳ ଅନିୟମିତତାର ତଦନ୍ତ ଆରମ୍ଭ

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ଜାଙ୍ଗେଡ଼ ପଞ୍ଚାୟତରେ ପିଡ଼ିଏସ୍ ଚାଉଳ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ସରପଞ୍ଚ ଭାଗବତିଆ ସିଂ ଗୋଦାମରେ ତାଲା ପକାଇବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବିଡ଼ିଓ ବିଶ୍ୱନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ସୋମବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦଲାଲ ଦାଶ ଯୋଗାଣ ସହାୟକ ଗୁଣନିଧି ଭୋଇ ଓ ସରପଞ୍ଚ ସିଂଙ୍କ ଉପସ୍ଥିତିରେ ଗୋଦାମ ତାଲା ଖୋଲି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଏଭଳି ଏକ ଅନିୟମିତତାକୁ ଚାପିଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ସରପଞ୍ଚ ସିଂ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି, ଗୋଦାମରେ ପିଡ଼ିଏସ୍ ଚାଉଳ ଠିକ୍ ନ ଥିବା ଅଭିଯୋଗ କରି ସରପଞ୍ଚ ଶୁକ୍ରବାର ଗୋଦାମରେ ତାଲା ପକାଇ ଦେଇଥିଲେ।



# ନାଟକ ସମାଜକୁ ଦିଗ୍‌ଦର୍ଶନ ଦିଏ

ବରଗଡ଼ ଅଫିସ୍/ସୋହେଲା/ ବରପାଲି,୨୮।୩

ବରଗଡ଼ର ଅଗ୍ରଣୀ ନାଟ୍ୟ ସଂସ୍ଥା 'ସମର୍ପଣ' ପକ୍ଷରୁ ସୋମବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଛି। ସ୍ଥାନୀୟ ସୌଖୀନ କଳାକାର ସଂଘ ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ ସମର୍ପଣ ନାଟ୍ୟ ଅନୁଷ୍ଠାନର ସଭାପତି ପ୍ରସନ୍ନ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ଆଡ଼ଭୋକେଟ୍ ତଥା ଓଡ଼ିଶା ବାର୍ ଆସୋସିଏଶନର ପୂର୍ବତନ ସଭାପତି ଦେବଦତ୍ତ ମିଶ୍ର ମୁଖ୍ୟ ଅତିଥି, ମଞ୍ଚ ଅଭିନେତା ଅଶ୍ୱିନୀ ପଣ୍ଡା ମୁଖ୍ୟ ବକ୍ତା ଏବଂ ରାଜେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମାଜକୁ ଦିଗ୍‌ଦର୍ଶନ ଦେବା ଦିଗରେ ନାଟକ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସତ୍ୟନାରାୟଣ ପାଢ଼ୀ ସଭା ସଂଯୋଜନା କରିଥିଲେ। ଏମ୍‌ଡ଼ି ତାହିର୍ ଖାଁ, ଶୁଭମ ମହାପାତ୍ର, ସିଦ୍ଧିଶ୍ରୀ ପଣ୍ଡା, ଅର୍ଚ୍ଚିତା ମହାପାତ୍ର, ସିଦ୍ଧିଶିଖା ଦାଶ, ମେଘନା ମହନ୍ତ, ସୁରଜ ବର୍ଗେ, ଦେବ ବର୍ଗେ, ଦିବ୍ୟ ଦୀପ, ବିଶ୍ୱ ବନ୍ଦିତା ପୁରୋହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ନାଟ୍ୟକାର ରବୀନ୍ଦ୍ର କୁମାର ମିଶ୍ରଙ୍କ ରଚିତ ଓ ସଞ୍ଜୟ କୁମାର ବେହେରାଙ୍କ ନିର୍ଦ୍ଦେଶିତ ନାଟକ 'ମାୟା ମିରିଗ୍' ମଞ୍ଚସ୍ଥ ହୋଇଥିଲା। ଶେଷରେ ସୁରେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ସୋହେଲାରେ ଅନୁଷ୍ଠିତ ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମର ଅତିଥିବୃନ୍ଦ।

ସୋହେଲା ସ୍ଥାନୀୟ ସାଂସ୍କୃତିକ ଭବନରେ ଡ୍ରାମା ଚେତନା ଅନୁଷ୍ଠାନର ଉପସଭାପତି ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଥିଲା। ଡଃ ହରିହର ସାହୁ ବିଶ୍ୱ ନାଟକର ଐତିହାସିକ ଦିଗ ଉପରେ ଆଲୋଚନା କରିଥିଲେ। ସୁଶାନ୍ତ ପାଣିଗ୍ରାହୀ ନାଟକର ପୌରାଣିକ ଉତ୍ପତ୍ତି ଉପରେ ସୂଚନା ପ୍ରଦାନ କରିଥିଲେ। ମଞ୍ଚ ଅଭିନେତା କ୍ଷୀରୋଦ୍ର ସାହୁ, ଦିଲୀପ ଷଡ଼ଙ୍ଗୀ ନାଟ୍ୟ ସଂଳାପରେ ଅଭିନନ୍ଦନ ଜଣାଇଥିଲେ। ଅଧ୍ୟାପକ ଡଃ ତୁଷାରକାନ୍ତ ସାହୁ ବାର୍ତ୍ତା ପଠନ କରିଥିଲେ। ଗୋପାଳ ନାୟକ ସଙ୍ଗୀତ ଗାନ କରିଥିବାବେଳେ ସାଧାରଣ ସମ୍ପାଦକ ହାଜୀ ଇକବାଲ ଖେରାନୀ ଧନ୍ୟବାଦ ଅର୍ପଣ କରିଥିଲେ।

ବରପାଲି ଇଣ୍ଟରନ୍ୟାଶନାଲ ଥିଏଟର ପକ୍ଷରୁ ସ୍ଥାନୀୟ ଗଙ୍ଗାଧର କଳା ପରିଷଦରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଥିଲା। ବରିଷ୍ଠ କଳାକାର ନିରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ମିହିର କୁମାର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟ୍ୟକଳା ସମାଜ, ସଂସ୍କୃତିକୁ ବଞ୍ଚାଇ ରଖିବାରେ ପ୍ରମୁଖ ଭୂମିକା ନେଇଛି ବୋଲି କହିଥିଲେ। ପୁରାତନ କଳାକୁ ବଞ୍ଚାଇ ରଖିବା ପାଇଁ ସେ ଆହ୍ୱାନ କରିଥିଲେ। ଅଧ୍ୟାପକ ରମାକାନ୍ତ ତ୍ରିପାଠୀ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତା ପଠନ କରିଥିଲେ। ପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପୁରନ୍ଦର ନନ୍ଦ, ସାର୍ଥକ ନାୟକ, ବିରେନ୍ଦ୍ର ନାଥ ନାଗ, ସୁବଳ ମାଝି, ଡଃ ସୁରେନ୍ଦ୍ର ମେହେରଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ। ସଭା ଆରମ୍ଭରେ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା।

## ସଂକ୍ଷେପରେ

### ଅଭିଯୁକ୍ତ ଭଣଜାଙ୍କୁ ଆଜୀବନ କାରାଦଣ୍ଡାଦେଶ

**ତାଳପଦର ଭାଗବତ ହତ୍ୟାକାଣ୍ଡ ମାମଲା**

ବୌଦ୍ଧ,୨୮।୩ (ସ୍ୱ.ପ୍ର.): ବୌଦ୍ଧ ଥାନା ଅନ୍ତର୍ଗତ ତାଳପଦର ଗ୍ରାମରେ ଗତ ୨୦୧୮ ମସିହାରେ ଘଟିଥିବା ହତ୍ୟାକାଣ୍ଡ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ଅଭିଯୁକ୍ତ ଭଣଜାଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ମାମଲାରୁ ପ୍ରକାଶ ଯେ, ତାଳପଦର ଗ୍ରାମର ସୁଧାଂଶୁ ମୁଖୀ ୨୦୧୮ ମାର୍ଚ୍ଚ ୨୩ରେ ପ୍ରାତଃ ୪ଟାରେ ଗ୍ରାମରେ ଥିବା ମାମୁଁ ଭାଗବତ ନାଏକଙ୍କ ଘରକୁ ଯାଇ କାହାକୁ କିଛି ନ ଜଣାଇ ତାଙ୍କର ସାଇକେଲ ନେଇଯାଇଥିଲେ। ଅପରାହ୍ନ ୧୨ଟାରେ ସାଇକେଲକୁ ଆଣି ଦେଇଥିଲେ। ସାଇକେଲ ନେଇ ଯାଇଥିବାରୁ ମାମୁଁ ଭାଗବତ କାମକୁ ଯାଇ ପାରି ନ ଥିବାରୁ ଭଣଜା ସୁଧାଂଶୁ ମଧରେ ପାଟିତୁଣ୍ଡ ହୋଇଥିଲା। ତାପର ଦିନ ଭାଗବତ ଝାଡା ଯାଇ ଘରକୁ ଫେରୁଥିବାବେଳେ ଗାଁ ଦାଣ୍ଡରେ ସୁଧାଂଶୁ ଏକ ପଥରରେ ମାମୁଁଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ଯୋଗୁ ଭାଗବତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ଭାଗବତଙ୍କ ସ୍ତ୍ରୀ ସୁମିତ୍ରା ନାଏକ ଗତ ୨୦୧୮ ମାର୍ଚ୍ଚ ୨୪ରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଭାଗବତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି କେସ ନଂ ୬୬/୧୮ ହୋଇ ବିଚାର ହୋଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଥିବା ନେଇ ଜିଲା ଦୌରାଜଜ ପ୍ରଧାନ ଅଭିଯୁକ୍ତ ସୁଧାଂଶୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

### ପୋଖରୀ ସଫା କଲେ ଯୁବଗୋଷ୍ଠୀ



ବିନିକା,୨୮।୩(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଲ ଗ୍ରାମ ବୁରୋକଣ୍ଡା ପୋଖରୀ ପରିତ୍ୟକ୍ତ ହୋଇ ପଡି ରହିଥିଲା । ପାଣି ଦୂଷିତ ହୋଇ ବ୍ୟବହାର ଉପଯୋଗୀ ନ ଥିଲା। ପ୍ରଶାସନ ଏ ଦିଗରେ କର୍ଣ୍ଣପାତ କଲାନାହିଁ। ଶେଷରେ ଗାଁର ଯୁବଗୋଷ୍ଠୀ ବୁରୋକଣ୍ଡାକୁ ସଫା କରିଛନ୍ତି। ସଂଗଠିତ ହୋଇ ପୋଖରୀରୁ ଦଳ ବାହାର କରିଛନ୍ତି। ଗ୍ରାମର ଡୁଗୁରୁ ପଧାନ, ଅକ୍ରୁର ଖୁଣ୍ଟଲା, ଅନ୍ତର ନାଏକ, ଦେବ ପଧାନ, ଗୋବର୍ଦ୍ଧନ ଖଣ୍ଟଲା, ନରେନ୍ଦ୍ର ପାତ୍ର ପ୍ରମୁଖ ସଫେଇରେ ସାମିଲ ହୋଇଥିଲେ। ଯୁବଗୋଷ୍ଠୀଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା ମିଳିଛି ।

### ବରଗଡ଼ ଏସ୍‌ପିଙ୍କୁ ଡିଜିପି ଆୱାର୍ଡ

ବରଗଡ଼ ଅଫିସ୍,୨୮।୩: ବରଗଡ଼ ଏସ୍‌ପି ରାହୁଲ ଜୈନ ଡିଜିପି ଆୱାର୍ଡ ପାଇବାକୁ ମନୋନୀତ ହୋଇଛନ୍ତି। ଏହା ସହିତ ବରଗଡ଼ ଜିଲାରେ କାର୍ଯ୍ୟରତ କନଷ୍ଟେବଲ ସୁଧୀର ଭୋଇଙ୍କୁ ମଧ୍ୟ ଡିଜିପି ଆୱାର୍ଡ ମିଳିବ। ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ଉଭୟଙ୍କୁ ଏହି ଆୱାର୍ଡ ପ୍ରଦାନ କରାଯିବ। ଆସନ୍ତା ଅପ୍ରେଲ ୧ତାରିଖରେ ପୋଲିସ ପ୍ରତିଷ୍ଠା ଦିବସରେ ଭୁବନେଶ୍ୱର ପୋଲିସ ଭବନ ସମ୍ମିଳନୀରେ ଏହି ଆୱାର୍ଡ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି।

### ଖୋଲିଲା ୨୬୮ ଅଙ୍ଗନୱାଡ଼ି କେନ୍ଦ୍ର

ଡୁଙ୍ଗୁରିପାଲି,୨୮।୩ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ୨୬୮ ଅଙ୍ଗନୱାଡ଼ି କେନ୍ଦ୍ର ସୋମବାର ଖୋଲିଛି। ଗତ ୧୧ମାସ ପରେ କେନ୍ଦ୍ର ଖୋଲିଥିବାରୁ ପିଲାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସିଡିପିଓ ଜୟନ୍ତ ଗଡ଼ତିଆ, ବ୍ଲକର ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ। ବ୍ଲକ କଲୋନୀର ୬ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ର, ଅମରାପଡା ବିଇଓ ଅଫିସ ପରିସରରେ ଥିବା ୭, ୮ କେନ୍ଦ୍ର, ବିନାୟୁରୀ ପଞ୍ଚାୟତର ତିତେରକୁନ୍ଦର ୧,୨ ନମ୍ବର କେନ୍ଦ୍ରକୁ ଯାଇ ସ୍ଥିତି ପରଖି ଥିଲେ। ଗତ ୧୯ଏପ୍ରିଲ ୨୦୨୧ରୁ ଲକଡାଉନ ହେତୁ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିଥିଲା।

# ଦାବି ପୂରଣ ନ ହେଲେ ହଟିବୁନି

**ଧାରଣାରେ ମିଳିତ ଡାକ କ୍ରିୟାନୁଷ୍ଠାନ କମିଟି**

ବଲାଙ୍ଗିର ଅଫିସ,୨୮।୩

ଦୀର୍ଘବର୍ଷ ଧରି ଡାକସେବାରେ ନିୟୋଜିତ ଥିବା ସତ୍ତ୍ୱେ କେନ୍ଦ୍ର ସରକାର କର୍ମଚାରୀଙ୍କୁ ଆନୁଷଙ୍ଗିକ ସୁବିଧା ସୁଯୋଗ ଦେବାରୁ ବଞ୍ଚିତ କରିଛନ୍ତି । ଯଦି ଏଭଳି ଚାଲେ ଆଉ ଚୁପ୍ ବସିବୁନି ବୋଲି ବଲାଙ୍ଗୀର ମିଳିତ ଡାକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣାରତ କର୍ମଚାରୀମାନେ କହିଛନ୍ତି। ୯ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି କହିଥିଲେ । ମିଳିତ ଡାକ କ୍ରିୟାନୁଷ୍ଠାନ କମିଟିର ପ୍ରମୁଖ ଦାବି ମଧ୍ୟରେ ବକେୟା ଥିବା ୧୮ ମାସର ମହଙ୍ଗା ଭତ୍ତା ତୁରନ୍ତ ପ୍ରଦାନ, ନୂତନ ପେନ୍‌ସନ ବଦଳରେ ପୁରୁଣା ପେନ୍‌ସନ ଲାଗୁ, ଗ୍ରାମୀଣ ଡାକ ସେବକଙ୍କୁ ସିଭିଲ ସର୍ଭାଣ୍ଟର ମାନ୍ୟତା, ଡାକ ବିଭାଗର ସମସ୍ତ କାର୍ଯ୍ୟାଳୟରେ ୫ ଦିନିଆ ସପ୍ତାହ ଲାଗୁ କରିବାକୁ ଦାବି କରାଯାଇଛି। ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ଆଶିଷ ଚୌହାନ, ବ୍ରହ୍ମାନନ୍ଦ ବନଛୋର, ସୁବାସ ଷଡ଼ଙ୍ଗୀ, ପଦ୍ମନାଭ ବାରିକ, ରଞ୍ଜିତ୍ ଗେଜ୍, ଲଳିତ କର, ଦଶରଥ ଦାସ, ଏମାର ତ୍ରିପାଠୀ, ଲବ ଭୋଇ, ଅଶୋକ ପାଣିଗ୍ରାହୀଙ୍କ ସମେତ ଶତାଧିକ ଡାକ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ।



ମିଳିତ ଡାକ କ୍ରିୟାନୁଷ୍ଠାନ କମିଟି ବଲାଙ୍ଗୀର ପୋଷ୍ଟ ଅଫିସ ସମ୍ମୁଖରେ ଦିଆଯାଇଥିବା ଧାରଣା।

# ୩୧ରୁ ବରଗଡ଼ରେ ହସ୍ତଶିଳ୍ପ ପ୍ରଦର୍ଶନୀ

ବରଗଡ଼ ଅଫିସ,୨୮।୩

ବରଗଡ଼ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ଆସନ୍ତା ୩୧ତାରିଖରୁ ଏପ୍ରିଲ ୯ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିପାଇଁ ବରଗଡ଼ଠାରେ ଡଃ ସତ୍ୟନାରାୟଣ ସିଂହ ସାମନ୍ତଙ୍କ ସଭାପତିତ୍ୱରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବହୁ ବୁଦ୍ଧିଜୀବୀ, କଳାକାର, କବି, ଶିକ୍ଷାବିତ୍, ହସ୍ତଶିଳ୍ପ ପ୍ରେମୀ ଏବଂ ମାନ୍ୟଗଣ୍ୟ ଲୋକ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ କର୍ଣ୍ଣାଟକର କାଠକାମ, ମୁରାଦାମାଦର ପିତ୍ତଳ କାମ, ପଶ୍ଚିମବଙ୍ଗର ଶୃଙ୍ଖଳା ଫୁଲ, ଶିଫ, ଶୀତଳ ପଟୀ, ରାଜସ୍ଥାନର ଟାଏ ଏବଂ ଡାଏ, ଜୁଏଲାରୀ, ପଞ୍ଜାବର ଜୋତା କାମ, ଲକ୍ଷ୍ନୌର ଚିକନ ଏମ୍ବ୍ରୋଡ଼ୋରୀ, ବଲାଙ୍ଗୀରର କାରପେଟ୍, ବାଲେଶ୍ୱର ଓ ଭଦ୍ରକର ଧାନକାମ, ବରଗଡ଼ ଓ ସୋନପୁରର ଶାଢ଼ି, ଢ଼େଙ୍କାନାଳର ବାଉଁଶ ଓ ଢ଼ୋକ୍ରା, କନ୍ଧମାଳ ଓ କଳାହାଣ୍ଡିର କାଠକାମ, କେନ୍ଦ୍ରାପଡ଼ାର ବେଣାକାମ, ନବରଙ୍ଗପୁରର ଲାଖ କାମ, ପୁରୀର ଚାନ୍ଦୁଆ, କାଠକାମ, ବ୍ରହ୍ମପୁର, ସମ୍ବଲପୁରର ପାଟ, ଶାଢ଼ି ଆଦି ହସ୍ତଶିଳ୍ପ ସାମଗ୍ରୀ ସୁଲଭ ମୂଲ୍ୟରେ ବିକ୍ରି ହେବ ବୋଲି ସୂଚନା ଦିଆଯାଇଛି।

ଉକ୍ତ ପ୍ରଦର୍ଶନୀରେ ଭାରତବର୍ଷର ପ୍ରମୁଖ ହସ୍ତଶିଳ୍ପୀମାନେ ସ୍ୱହସ୍ତ ନିର୍ମିତ ସାମଗ୍ରୀ ଗୁଡ଼ିକ ନିଜେ ପ୍ରଦର୍ଶନ କରିବା ସହିତ ବିକ୍ରି କରିବେ। ପ୍ରଦର୍ଶନୀ ପ୍ରତ୍ୟହ ସକାଳ ୧୦ଟାରୁ ଆରମ୍ଭ ହୋଇ ରାତ୍ରି ୯ଟା ପର୍ଯ୍ୟନ୍ତ ଚାଲିବ। ଉକ୍ତ ପ୍ରଦର୍ଶନୀ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ, ବିକାଶ ଆୟୁକ୍ତ (ହସ୍ତଶିଳ୍ପ ବିଭାଗ), ନୂଆଦିଲ୍ଲୀ ସହାୟତାରେ ଏବଂ ଅନୁଗୋଳର ଡୋଭ୍ ଦ୍ୱାରା ଆୟୋଜନ କରାଯାଇଛି। ହସ୍ତଶିଳ୍ପର ପ୍ରଚାର, ପ୍ରସାର କରି ହସ୍ତଶିଳ୍ପ କ୍ଷେତ୍ରରେ ବ୍ୟାପକ କର୍ମ ନିଯୋଜନ ସୃଷ୍ଟି କରିବା ପ୍ରଦର୍ଶନୀର ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି। ଶେଷରେ ଡୋଭ୍‌ର ସମ୍ପାଦକ ଅନିଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ନାଟ୍ୟ ଦିବସ ପାଳିତ

ସିନାପାଲି,୨୮।୩(ଡି.ଏନ.ଏ.)

ନୂଆପାଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲିଠାରେ ରାମଗ ବିକାଶ ପରିଷଦ ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ରାମଗ ବିକାଶ ପରିଷଦ ସଭାପତି ପଙ୍କଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ, ମୁଖ୍ୟବକ୍ତା ଭାବେ ନାଟ୍ୟକାର ଜିତୁ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପଦ୍ମଲୋଚନ ବର୍ମା, ସୁନାରୀସିକୁଆଁ ସରପଞ୍ଚ ଭୋଲେଶ୍ୱରୀ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ ସାଧାରଣ ଜୀବନରେ ନାଟକର ସକରାତ୍ମକ ମହତ୍ତ୍ୱକୁ ନେଇ ନିଜ ମତ ଦେଇଥିଲେ। ଗୁପ୍ତେଶ୍ୱର ମେହେରୁ ସ୍ୱାଗତ କରିଥିବା ବେଳେ ବୈକୁଣ୍ଠ ତାଣ୍ଡି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ରାମଗ ବିକାଶ ପରିଷଦ ସମ୍ପାଦକ ତଥା ଯୁବ କଳାକାର ଭୀଷ୍ମରାଜ ମେହେର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଳାହାଣ୍ଡିରୁ ଆସିଥିବା ପାରମ୍ପରିକ ମାଦଳୀ ନାଚ ନଗର ପରିକ୍ରମା କରିବା ସହ ମଞ୍ଚରେ ପରିବେଷଣ କରାଯାଇଥିଲା। ନାଟ୍ୟକାର ଜିତୁ ପଟ୍ଟନାୟକଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳଗଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜାଗୃତି ମଣ୍ଡଳୀ ଓ ରାମଗ ବିକାଶ ପରିଷଦ ସଦସ୍ୟଙ୍କ ସହ ଗଣ୍ଡାବାହାଲିବାସୀ ସହଯୋଗ କରିଥିଲେ।

## ଗୁଡହାଣ୍ଡି ଡୋକରୀଚଞ୍ଚରାରେ ସଫେଇ କାର୍ଯ୍ୟକ୍ରମ

କୋକସରା,୨୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳି ଗୁଡହାଣ୍ଡି ଡୋକରୀଚଞ୍ଚରାରେ ରବିବାର ସଫେଇ କାର୍ଯ୍ୟ କରାଯାଇଛି। ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି, କୋକସରା ଯୁକ୍ତ ୩ କଲେଜ ଏନ୍ଏସ୍ଏସ୍, ୱାଇଆରସି ଓ ଏନ୍‌ସିସି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଅଇରି ନାସନ ଚିନ୍ଦା, ଯୁଥ ରେଡକ୍ରସ କାଉନସିଲର ସୁବ୍ରତ କୁମାର ବେହେରା, କଲେଜ ଅଧକ୍ଷ ଗୁଣାକାର ପଣ୍ଡା, ଅଧ୍ୟାପକ ପୁଷ୍ପରାଜ ମେହେର, ଲାଇବ୍ରେରିଆନ ଜିତେନ୍ଦ୍ର ପ୍ରଧାନି, ପିଇଟି ପ୍ରତାପ ବିଶି, ଡିଇଓ ସୁନିଲ କୁମାର ପ୍ରଧାନୀ, ତପନ ବିଶିଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଗୁଡହାଣ୍ଡି ଡୋକରୀଚଞ୍ଚରା ସମସ୍ତ ପୀଠରେ ସଫେଇ କରିବା ସହିତ ପର୍ଯ୍ୟଟକଙ୍କୁ ସ୍ୱଚ୍ଛ ଭାରତ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତିର ବୈଠକ ସଭାପତି ଭଦ୍ରେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁବର୍ଣ୍ଣ ଜୟନ୍ତୀ ଓ ଶ୍ରୀରାମ ନବମୀ ମହୋତ୍ସବ ଅଗ୍ରଗତି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଘନଶ୍ୟାମ ନାଏକ, ବିରଞ୍ଚି ନାରାୟଣ ପଣ୍ଡା, ସୁରେଶ ଅଗ୍ରୱାଲ, ସୁଧୀର ପାତ୍ର, ମଧୁବନ ପାତ୍ର, ଯୁଗଲ ହଂସ, ନିଳାମ୍ବର ନାଏକ, ମହେନ୍ଦ୍ର ନାଏକ, ଦିଲୀପ ଯୋଶୀ, ପ୍ରତାପ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଆୟୁର୍ବେଦ ଚିକିତ୍ସା ପରାମର୍ଶ ଶିବିର

ତରଭା,୨୮।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପଞ୍ଚାୟତ ହାଇସ୍କୁଲରେ ଆଜାଦ କି ଅମୃତ ମହୋତ୍ସବ ଅବସରରେ ଆୟୁର୍ବେଦ ଚିକିତ୍ସା ଏବଂ ପରାମର୍ଶ ଶବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ବଲାଙ୍ଗୀର ଆନୁକୂଲ୍ୟରେ ଡାବର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମନମୋହନ ସାହ, ସମ୍ମାନିତ ଅତିଥି ସମିତି ସଭ୍ୟ ମାର୍କଣ୍ଡ ନାଗ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଧକ୍ଷ ପ୍ରଫେସର ଅରୁଣ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡାକ୍ତର ଶିବବ୍ରତ ଦାସ, ଡାକ୍ତର ସୀମାଦ୍ରୀ ଭୂଷଣ ନାୟକ, ଡାକ୍ତର ତନୁଚନ୍ଦ୍ର ମରାଇ, ଡାକ୍ତର ଶିବବ୍ରତ ବେହେରା, ଡାକ୍ତର ଗଣେଶ କୁମାର ମେହେର, ଡାକ୍ତର ଆମ୍ବୁଜ କୁମାର ବିଶ୍ୱାଳ ବିଭିନ୍ନ ରୋଗରେ ପୀଡିତ ୩୧୫ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରେମଲାଲ ନାଗ ପରିଚାଳନା କରିଥିଲେ।


ଶିବିରରେ ରୋଗୀ ଚିକିତ୍ସା କରାଯାଉଛି।

# ପୁରୁଣାକଟକ ଟାୟାର ଦୋକାନରୁ ଚୋରି

ବୌଦ୍ଧ,୨୮।୩(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ବଜାରରୁ ଏକ ଚୋରି ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ ପୁରୁଣାକଟକ ବଜାରରେ ଥିବା ମା' ବାଉରୀ ଟାୟାର ୱାର୍କସପର ମାଲିକ ବିଜୟ ଗିରି ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ବିଳମ୍ବିତ ରାତିରେ ଦୁଇଜଣ ଚୋର ଦୋକାନକୁ ଆସି ବାହାରେ ପ୍ରେସର ପାଇପକୁ ଚୋରି କରିନେଇଥିବା ଜଣାପଡ଼ିଛି। ସୋମବାର ସକାଳୁ ଦୋକାନ ମାଲିକ ଗିରି ଦୋକାନକୁ ଆସି ଦେଖିବାରେ ଜାଣିପାରିଥିଲେ ଯେ ଦୋକାନରୁ ଚୋରି ହୋଇଛି। ଏକଥା ସେ ପଡୋଶୀ ଦୋକାନୀମାନଙ୍କୁ କହିବା ପରେ ପାଖରେ ଲାଗିଥିବା ଏକ ସିସିଟିଭି ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ ଦୁଇ ଜଣ ଚୋର ବିଳମ୍ବିତ ରାତିରେ ଚୋରି କରିଥିବା ନେଇ ଜଣାପଡିଥିଲା। ଏନେଇ ପୁରୁଣାକଟକ ଥାନାରେ ମାଲିକ ଗୁରୁ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ସିସିଟିଭିକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

# ଜଳୁଛି ଜଙ୍ଗଲ, ବିପଦରେ ବନ୍ୟପ୍ରାଣୀ

ବୌଦ୍ଧ,୨୮।୩(ସ୍ୱ.ପ୍ର.)

ଗ୍ରୀଷ୍ମ ଋତୁ ଆରମ୍ଭ ହେବାମାତ୍ରେ ବୌଦ୍ଧ ଜିଲାର ସଂରକ୍ଷିତ ଜଙ୍ଗଲଗୁଡିକ ହୁହୁ ହୋଇ ଜଳୁଛି। ବୌଦ୍ଧ ଜିଲାରେ ୫ଟି ରେଞ୍ଜ ଥିବାବେଳେ ଜିଲାରେ ପ୍ରାୟ ଅଧିକାଂଶ ସଂରକ୍ଷିତ ଜଙ୍ଗଲ ଏବେ ନିଆଁ ଭିତରେ। ଜିଲାର ପୁରୁଣାକଟକ ରେଞ୍ଜର ବିଭିନ୍ନ ଜଙ୍ଗଲ ଜଳୁଥିବାବେଳେ ବନବିଭାଗ ନିରବ ଦର୍ଶକ ସାଜିଥିବା ଦେଖିବାକୁ ମିଳିଛି। ସୋମବାର ପୁରୁଣାକଟକ ରେଞ୍ଜର କୁଶଙ୍ଗ ସେକ୍‌ସନର ଭଗାମୁଣ୍ଡାଠାରେ ଥିବା ପାରାପିଟ ସଂରକ୍ଷିତ ଜଙ୍ଗଲ ହୁହୁ ଜଳୁଥିବା ଦେଖିବାକୁ ମିଳିଥିଲା। ଜଙ୍ଗଲ କୁଶଙ୍ଗ ଫରେଷ୍ଟ କାର୍ଯ୍ୟାଳୟଠାରୁ ମାତ୍ର ଏକ କିମି ଦୂରତା ହୋଇଥିବାବେଳେ ଜଙ୍ଗଲ ଜଳୁଥିବା ଯୋଗୁ ନିକଟସ୍ଥ ଗ୍ରାମର ଲୋକେ ଭୟରେ ଅଛନ୍ତି। ଗୋଟିଏ ପଟେ ଜିଲାରେ ଖରାର ପ୍ରକୋପ ବଢିବାରେ ଲାଗିଥିବାବେଳେ ଅନ୍ୟପଟେ ଜଙ୍ଗଲର ନିଆଁ ଉତ୍ତାପ ବୃଦ୍ଧି ହେବାରେ ଲାଗିଛି। ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ବିଭିନ୍ନ ଔଷଧିୟ ଗଛ ସାଙ୍ଗକୁ ବହୁ ମୂଲ୍ୟବାନ ଗଛ ପୋଡି ନଷ୍ଟ ହେଉଛି। ଆହୁରୀ ମଧ୍ୟ ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ପଶୁ ପକ୍ଷୀ ଜଙ୍ଗଲରୁ ଗାଁ ମୁହାଁ ହେବା ଯୋଗୁ ଶୀକାରୀଙ୍କ ଶୀକାର ହେଉଛନ୍ତି। ଜଙ୍ଗଲରେ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସରକାର ସବୁ ପ୍ରକାର ପଦକ୍ଷେପ ନେବା ସହ ବହୁ ଟଙ୍କା ଖର୍ଚ୍ଚ କରି ଆସୁଥିବା ବେଳେ କିନ୍ତୁ ବୌଦ୍ଧ ଜିଲାରେ ଏହାର କିଛି ଲାଭ ହେଉନି । ଗାଁରେ ପ୍ରଚାର ଓ ପ୍ରସାର ପାଇଁ ଟଙ୍କା ଆସୁଥିଲେ ମଧ ଏହା କିଛି କାମରେ ଆସୁନି। ଜଙ୍ଗଲ ଜଳିବା ଯୋଗୁ ପରିବେଶ ଧୂଆଁମୟ ହେବା ସହ ରାସ୍ତାରେ ଯାଉଥିବା ପଥଚାରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ନିଆଁର ଧୂଆଁଯୋଗୁ ଆଖି ପୋଡିବା ସହ ଜଙ୍ଗଲ ନିକଟରେ ଥିବା ଗାଁଗୁଡିକର ଲୋକେ ଭୟରେ ଅଛନ୍ତି। ପବନ ହେଲେ ନିଆଁ ଉଡି ଗାଁ ପୋଡିବାର ଭୟ ହେଉଛି । ତୁରନ୍ତ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।


ପାରାପିଟ ଜଙ୍ଗଲ ହୁହୁ ଜଳୁଛି।


ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ।


ବଣାଇର କଳାକାରମାନେ ମୁଣ୍ଡାରୀ ନୃତ୍ୟ ପରିବେଷଣ କରୁଛନ୍ତି।

# ନୃତ୍ୟ, ସଙ୍ଗୀତ ଆଦିବାସୀଙ୍କ ଜୀବନ

**ଡଙ୍ଗର ମହୋତ୍ସବ ଉଦ୍‌ଘାଟିତ**

ସୋନପୁର,୨୮।୩(ନି.ପ୍ର.)

ଆଦିବାସୀ ନୃତ୍ୟ, ସଙ୍ଗୀତ ଉତ୍ସବର ମହାପାର୍ବଣ ଡଙ୍ଗର ମହୋତ୍ସବ-୨୦୨୨ ସୋନପୁର ଗାନ୍ଧୀ ପଡିଆରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବ ତିନିଦିନ ଧରି ଚାଲିବ। ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜନ ହେଉଛି। ଉଦ୍‌ଘାଟନୀ ସନ୍ଧ୍ୟାକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ଉଦ୍‌ଘାଟନ କରିଥିଲେ। ଦଳାଇ ତାଙ୍କ ବକ୍ତବ୍ୟରେ ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ମହାନ। ନୃତ୍ୟ ଓ ସଙ୍ଗୀତ ଆଦିବାସୀଙ୍କ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି କହିଥିଲେ। ଏହି ଅବସରରେ ଆରଡିସି ୨୦୧୨ ମସିହାରୁ ଓଡିଶାରେ ଡଙ୍ଗର ମହୋତ୍ସବ ଆରମ୍ଭ ହୋଇଥିବା ଓ ପର୍ଯ୍ୟାୟ କ୍ରମେ ଭିନ୍ନ ଭିନ୍ନ ଜିଲାରେ ଆୟୋଜନ ହେଉଥିବା କହିଥିଲେ। ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତିକୁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ମୁଖ୍ୟ ଅତିଥିଭାବେ ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ସମ୍ମାନିତ ଅତିଥି ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଏବଂ ଡେପୁଟି କଲେକ୍ଟର ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଯୋଗଦାନ କରିଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରମୋଦ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଶାନ୍ତ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋରାପୁଟର କନ୍ଧନୃତ୍ୟ, ସୁନ୍ଦରଗଡ ବଣେଇର ମୁଣ୍ଡାରୀ ନୃତ୍ୟ, ରାୟଗଡାର ଡଙ୍ଗରିଆ କନ୍ଧ ନୃତ୍ୟ, କନ୍ଧମାଳ ଜିଲା ବାଲିଗୁଡାର ଶିକାରୀ ନୃତ୍ୟ, ମୟୂରଭଞ୍ଜ ଜିଲା ରାଇରଙ୍ଗପୁରର ସାନ୍ତାଳୀ ନୃତ୍ୟ, ଭବାନୀପାଟଣାର ସିଂହାରୀ ନୃତ୍ୟ ଓ ନବରଙ୍ଗପୁରର ଢେମସା ନୃତ୍ୟ ପରିବେଷଣ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ମାନେ ଲୋକନୃତ୍ୟରେ ଝୁମିଥିଲେ। କରୋନା କଟକଣା ଯୋଗୁଁ ମେଳା ମହୋତ୍ସବ ଆୟୋଜନ ବନ୍ଦ ଥିଲା। ଦୀର୍ଘ ୨ବର୍ଷ ପରେ ସୋନପୁରରେ ମହୋତ୍ସବ ଓ ସାଂସ୍କୃତିକ ଆୟୋଜନ ହେଉଥିବାରୁ ସହରବାସୀ ଖୁସିବ୍ୟକ୍ତ କରିଛନ୍ତି।

## ଚାଉଳ ଅନିୟମିତତାର ତଦନ୍ତ ଆରମ୍ଭ

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ଜାଙ୍ଗେଡ଼ ପଞ୍ଚାୟତରେ ପିଡ଼ିଏସ୍ ଚାଉଳ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ସରପଞ୍ଚ ଭାଗବତିଆ ସିଂ ଗୋଦାମରେ ତାଲା ପକାଇବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବିଡ଼ିଓ ବିଶ୍ୱନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ସୋମବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦଲାଲ ଦାଶ ଯୋଗାଣ ସହାୟକ ଗୁଣନିଧି ଭୋଇ ଓ ସରପଞ୍ଚ ସିଂଙ୍କ ଉପସ୍ଥିତିରେ ଗୋଦାମ ତାଲା ଖୋଲି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଏଭଳି ଏକ ଅନିୟମିତତାକୁ ଚାପିଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ସରପଞ୍ଚ ସିଂ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି, ଗୋଦାମରେ ପିଡ଼ିଏସ୍ ଚାଉଳ ଠିକ୍ ନ ଥିବା ଅଭିଯୋଗ କରି ସରପଞ୍ଚ ଶୁକ୍ରବାର ଗୋଦାମରେ ତାଲା ପକାଇ ଦେଇଥିଲେ।

**ସଂକ୍ଷେପରେ**

## ସଞ୍ଚାର କଳାର ପୁନରୁଦ୍ଧାର ଲାଗି ସମ୍ମିଳିତ ଉଦ୍ୟମ ଲୋଡ଼ା

ସମ୍ବଲପୁର,୨୮।୩ (ବ୍ୟୁରୋ)- ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ ପ୍ରାଚୀନ କଳା ସଞ୍ଚାରକୁ ବଞ୍ଚାଇ ରଖିବା ଲାଗି ସମ୍ମିଳିତ ଉଦ୍ୟମ ଲୋଡ଼ା। ସାପ୍ତାହିକ ପତ୍ରିକା ସ୍ୱୀକାର ଆୟୋଜିତ ପଶ୍ଚିମ ଓଡ଼ିଶାର ସ୍ୱତନ୍ତ୍ର କଳା ସଞ୍ଚାର ଶୀର୍ଷକ କର୍ମଶାଳାରେ ଯୋଗଦେଇ ବକ୍ତାମାନେ ଏହା କହିଛନ୍ତି। ରବିବାର ସମ୍ବଲପୁର ପ୍ରେସ ଭବନଠାରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଶ୍ରୀବନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସଞ୍ଚାର କଳାରେ ମାଧୁର୍ଯ୍ୟ ପରିପୂର୍ଣ୍ଣ ହୋଇ ରହିଛି। ଏହା ଶ୍ରୁତିମାଧୁର୍ଯ୍ୟ ହୋଇପାରିଲେ ବିଶ୍ୱସ୍ତରରେ ଆଦୃତି ଲାଭ କରିପାରବ। ବିଶିଷ୍ଟ ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଗୀତ, ନାଚ ଓ ବାଦ୍ୟର ସମାହାର ହେଉଛି ସଞ୍ଚାର। ତିନି କଳାରେ ନିପୁଣ ବ୍ୟକ୍ତି ହିଁ ସଞ୍ଚାର କଳା ପରିବେଷଣ କରିପାରିବ। ଅବସରପ୍ରାପ୍ତ ପ୍ରାଧାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ କହିଥିଲେ, ସଞ୍ଚାର ଏକ ଲୋକକଳା କି ବିଦଗ୍ଧ କଳା ତାହା ବିବଦମାନ ହୋଇ ରହିଛି। ଆମ ସଂସ୍କୃତିର ପରିଚାୟକ ଏହି କଳା ସମ୍ପ୍ରତି ଦୁର୍ଦ୍ଦିନରେ ଗତି କରୁଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ସଞ୍ଚାର ଗାୟକ ଅଲେଖ ସାହୁ, ଦୁଃଖନାଶନ ବେହେରା, ଦ୍ରୌପଦୀ ସନ୍ୟାସୀ, ବଂଶୀଧର କର ପ୍ରମୁଖ ଯୋଗଦେଇ ସଞ୍ଚାରକୁ ବଞ୍ଚାଇବା ପାଇଁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପତ୍ରିକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ କାର୍ତ୍ତି ପ୍ରସାଦ ବହିଦାର ଧନ୍ୟବାଦ ଦେଇଥିଲେ।

## ବାମଣ୍ଡା କଳାକାର ସଂଘ ତରଫରୁ ବିଶ୍ୱ ନାଟ୍ୟଦିବସ ପାଳିତ

ଦେବଗଡ଼, ୨୮।୩(ଡି.ଏନ୍.ଏ): ବିଶ୍ୱ ନାଟ୍ୟଦିବସ ଅବସରରେ ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ନାଟକ ସଂକ୍ରାନ୍ତୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବାମଣ୍ଡା କଳାକାର ସଂଘର ସଭାପତି ବିପିନ ବିହାରୀ ନନ୍ଦଙ୍କ ସଭାପତିତ୍ୱରେ ଉକ୍ତ ଆଲୋଚନାଚକ୍ରରେ ବରିଷ୍ଠ ନାଟ୍ୟକାର ହେମନ୍ତ ମହାପାତ୍ର, ସଂଘର ସମ୍ପାଦକ ରୋମିଓ ମହାପାତ୍ର, ମନୋଜ କୁମାର ପାଢ଼ୀ, ଦିଲ୍ଲୀପ କୁମାର ଗୁରୁ, ସଂଘର ଉପସଭାପତି ପ୍ରଦୀପ ଅମାନ୍ତ, ମଙ୍ଗଳ ମାହାଙ୍କୁର, ପ୍ରକାଶ ଦେବତା, ସୁଶାନ୍ତ ନନ୍ଦ, ଯଦୁମଣି ବେହେରା, ସନ୍ତୋଷ କୁମାର ସାହୁ, ପ୍ରଫୁଲ୍ଲ ନାୟକ, ପ୍ରେମାନନ୍ଦ ମାଝୀ, ହିମାଂଶୁ ଶେଖର ପ୍ରଧାନ, ଟିକେଶ୍ୱର ଗୁରୁ, ଜନ୍ମେଜୟ ନାୟକ, ସନ୍ତୋଷ ମହାପାତ୍ର, ଶିଶିର ଦାଶ, ଅଲେଖ ନାୟକ, ଫକିର ମହାପାତ୍ର, ଉପେନ୍ଦ୍ର ଭଞ୍ଜ, ମଦନ ମୋହନ ଦାଶ, ସୁବାଷ ଦାଶ ସ୍ୱାଗତ ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହାପରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ପିଣ୍ଟୁ କାରିଗର ପ୍ରଥମ, ଚିନ୍ମୟ କୁମାର ଦାଶ ଦ୍ୱିତୀୟ ଓ ଶିଭାଶିଷ ଝାଙ୍କର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।






ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କ ଉପସ୍ଥିତିରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ସଂସ୍କୃତି ଭବନ ଉଦ୍‌ଘାଟନ କରୁଛନ୍ତି(ବାମ), ଉଦ୍‌ଘାଟନ ଅବସରରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

# କଳାକାରଙ୍କ ଲୋକନୃତ୍ୟ ମନମୋହିଲା

**ସୁନ୍ଦରଗଡ଼ ଜିଲା ସଂସ୍କୃତି ଭବନ ଉଦ୍‌ଘାଟିତ**

ସୁନ୍ଦରଗଡ଼,୨୮।୩(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରେ ଖୋଲିଛି 'ଜିଲା ସଂସ୍କୃତି ଭବନ'। ସୋମବାର ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କ ଉପସ୍ଥିତିରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ଏହି ଭବନର ଉଦ୍‌ଘାଟନ କରିଛନ୍ତି। ସୁନ୍ଦରଗଡ଼ ଜିଲା ପ୍ରଶାସନ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସହଯୋଗରେ ନିର୍ମାଣ କରାଯାଇଥିବାଏହି ଜିଲା ସଂସ୍କୃତି ଭବନ ପରିସରରେ ୩୭୫ ଆସନ ବିଶିଷ୍ଟ ଏକ ଅଡିଟୋରିୟମ ବା ପ୍ରେକ୍ଷାଳୟ ରହିଛି। ଏଠାରେ ସ୍ଥାନୀୟ କଳାକାରମାନେ ସେମାନଙ୍କର କଳା ପରିବେଷଣ କରିବାର ସୁଯୋଗ ପାଇବେ। ସ୍ଥାନୀୟ ଲୋକକଳା, ସଂସ୍କୃତି ଏବଂ ଓ ଭାଷା ସାହିତ୍ୟର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଏଠାରେ ଆୟୋଜନ କରାଯିବ। ଜିଲା ସଂସ୍କୃତି ଭବନ ଉଦ୍‌ଘାଟନ ପରେ ଅଡିଟୋରିୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଲୋକନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

ସୁନ୍ଦରଗଡ଼ ଅତିରିକ୍ତଜିଲାପାଳ, ଜିଲା ସଂସ୍କୃତି ପରିଷଦର ଉପାଧ୍ୟକ୍ଷ ତଥା ଜିଲା ଖଣିଜ ପ୍ରତିଷ୍ଠାନର ସିଇଓ ମହେଶ୍ୱର ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା କୁସୁମ ଟେଟେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟିକା କହିଥିଲେ ଯେ, ସୁନ୍ଦରଗଡ଼ ଜିଲାର କଳାକାରମାନଙ୍କର ଅନେକ ଦିନର ସ୍ୱପ୍ନ ଆଜି ପୂରଣ ହୋଇଛି। ଏହି ଜିଲାର ସମୃଦ୍ଧ ଆଦିବାସୀ ନୃତ୍ୟ, ଗୀତକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଲୋକପ୍ରିୟ କରାଇବାରେ ଏହି ସଂସ୍କୃତି ଭବନ ସହାୟକ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ସୁନ୍ଦରଗଡ଼ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ସୁନ୍ଦରଗଡ଼ ପୌରପାଳିକା ଅଧକ୍ଷା ତନୟା ମିଶ୍ର, ଜିଲା ସଂସ୍କୃତି ଅଧିକାରୀ କୁଲଦୀପ ଖାଖା, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଅନନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ହିଜାବ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ଚେନ୍ନାଇ,୨୮।୩

କର୍ଣ୍ଣାଟକର ବହୁଚର୍ଚ୍ଚିତ ହିଜାବ ବିବାଦ ଉପରେ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ଅଲ୍ ଇଣ୍ଡିଆ ମୁସଲିମ ପର୍ସନାଲ ଲ' ବୋର୍ଡ ସୋମବାର ସୁପ୍ରିମକୋର୍ଟରେ ଏକ ପିଟିଶନ୍ ଦାଏର କରିଛି। ବୋର୍ଡର ସେକ୍ରେଟେରି ମହମ୍ମଦ ଫାଜଲୁରାହିମ୍‌ଙ୍କ ତତ୍ତ୍ୱାବଧାନରେ ବୋର୍ଡ ସର୍ବୋଚ୍ଚ ନ୍ୟାୟାଳୟରେ ପିଟିଶନ ଦାଏର କରିବା ସହ ମୁସଲମାନ ସମ୍ପ୍ରଦାୟର ଏକ ସଂଗଠନ ମଧ୍ୟ ହିଜାବ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହିଜାବ ଇସ୍‌ଲାମର ଜରୁରୀ ଧର୍ମୀୟ ପ୍ରଥା ନୁହେଁ ବୋଲି କର୍ନଟକ ହାଇକୋର୍ଟ ରାୟ ଦେଇଥିଲେ। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୟୁନିଫର୍ମ ପିନ୍ଧିବା ଉଚିତ ବୋଲି କୋର୍ଟ କହିଥିଲେ। ତେବେ ହାଇକୋର୍ଟଙ୍କ ରାୟକୁ ମୁସଲମାନ ସମ୍ପ୍ରଦାୟ ଗ୍ରହଣ କରି ନାହାନ୍ତି। ହାଇକୋର୍ଟଙ୍କ ରାୟ ସମ୍ପ୍ରଦାୟ ଏବଂ କୋରାନ ବିରୋଧରେ ଯାଉଥିବା ମୁସଲମାନ ସଂଗଠନ କହିଥିଲେ। ପରୀକ୍ଷା ପାଖେଇ ଆସୁଥିବାବେଳେ ଜିହାବ ମାମଲା ନେଇ ସୁପ୍ରିମକୋର୍ଟରେ କୌଣସି ପ୍ରକାର ଶୁଣାଣି କରାଯାଇ ପାରିବ ନାହିଁ ବୋଲି ଗତ ସପ୍ତାହରେ ଦେଶର ପ୍ରଧାନ ବିଚାରପତି ଏନ୍.ଭି ରମନା କହିଥିଲେ।

## ଚିତ୍ରା ରାମକ୍ରିଷ୍ଣାଙ୍କ ହାଜତ ମିଆଦ ବଢ଼ିଲା

ନୂଆଦିଲ୍ଲୀ,୨୮।୩

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) କୋ-ଲୋକେଶନ ମାମଲାରେ ସମ୍ପୃକ୍ତ ଏହାର ପୂର୍ବତନ ପରିଚାଳନା ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ରା ରାମକ୍ରିଷ୍ଣାଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ଏପ୍ରିଲ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଷ୍ଟକ୍ ମାର୍କେଟ ଜାଲିଆତି ମାମଲାରେ ସିବିଆଇ ଚଳିତ ମାସ ଆରମ୍ଭରେ ଚିତ୍ରାଙ୍କୁ ଗିରଫ କରିବା ସହ ଜେରା କରିଥିଲା। ସେହିପରି ଏନ୍‌ଏସ୍‌ଇର ପୂର୍ବତନ ଗ୍ରୁପ୍ ଅପରେଟିଂ ଅଫିସର (ଜିଓଓ) ଆନନ୍ଦ ସୁବ୍ରମଣ୍ୟନଙ୍କ ଜାମିନ ଆବେଦନକୁ କୋର୍ଟ ପୂର୍ବରୁ ଅଗ୍ରାହ୍ୟ କରିଦେଇଥିଲେ।

## 'ଧର୍ମଘଟରେ ସାମିଲ ଅଧିକାର ସରକାରୀ କର୍ମଚାରୀଙ୍କର ନାହିଁ'

ଥିରୁଭାନନ୍ତପୁରମ୍,୨୮।୩

ଟ୍ରେଡ୍ ୟୁନିୟନଗୁଡ଼ିକ ଦ୍ୱାରା ଡାକରା ଦିଆଯାଇଥିବା ୪୮ ଘଣ୍ଟିଆ ଦେଶବ୍ୟାପୀ ବନ୍ଦ ଡାକରାରେ ସରକାରୀ କର୍ମଚାରୀ ଯୋଗ ଦେଇପାରିବେ ନାହିଁ ବୋଲି କେରଳ ହାଇକୋର୍ଟ ସୋମବାର କହିଛନ୍ତି। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ନିର୍ଦ୍ଦେଶନାମା ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ କର୍ମଚାରୀ ଶ୍ରମିକ ଶ୍ରେଣୀ ପରିସରଭୁକ୍ତ ନୁହନ୍ତି। ଧର୍ମଘଟରେ ସେମାନେ ସାମିଲ ହେବା ସେବା ନିୟମାବଳୀର ଉଲ୍ଲଂଘନ ବୋଲି ହାଇକୋର୍ଟରେ ମୁଖ୍ୟ ବିଚାରପତି ଏସ୍. ମଣିକୁମାର ଏବଂ ଜଷ୍ଟିସ ଶାଜି ପି. ଚାଲିଙ୍କ ଖଣ୍ଡପୀଠ କହିଛନ୍ତି। ସରକାରୀ କର୍ମଚାରୀ ଧର୍ମଘଟରେ ସାମିଲ ହେବା ବେଆଇନ ବୋଲି ସାମାଜିକ କର୍ମୀ ଚନ୍ଦ୍ରଚୂଦନ ନାୟାରଙ୍କ ପିଟିଶନର ଶୁଣାଣି ବେଳେ ଖଣ୍ଡପୀଠ ମତ ଦେଇଛନ୍ତି। କାର୍ଯ୍ୟରୁ ଦୂରେଇ ରହିଥିବାରୁ କର୍ମଚାରୀମାନେ ସେହି ଦିନ ପାଇଁ ବେତନ ପାଇବାକୁ ହକ୍‌ଦାର ନୁହନ୍ତି। ଏଥିପାଇଁ ସରକାର 'କାମ ନାହିଁ ତ ଦରମା ନାହିଁ' ଘୋଷଣା କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ବ୍ଲକ ଅଧକ୍ଷା, ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧନା



ବ୍ଲକ ଅଧକ୍ଷା, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

ବଡ଼ଗାଁ,୨୮।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ପରିସରରେ ସୋମବାର ନବନିର୍ବାଚିତ ବ୍ଲକ ଅଧକ୍ଷାଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ଗାଁ ଓ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକ, ବିଭିନ୍ନ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ବଡ଼ଗାଁର ପ୍ରକାଶ ପାଣିଗ୍ରାହୀ, ଛବିଳ ସେଠ, କିଶୋର ସାହୁ, କପେଲଶ୍ୱର୍ ମାଝୀ, ବସନ୍ତ ବେହେରା, ଦିବ୍ୟଶଙ୍କର ସା, ତୁଳାରାମ ହୋତା, ସତ୍ୟନାରାୟଣ ନାୟକ, ରଞ୍ଜନ ପଟେଲ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅଧକ୍ଷା ଦୁଲାରି ସୋରେଙ୍ଗଙ୍କ ସହିତ ସମସ୍ତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ବରିଷ୍ଠ ନାଗରିକମାନେ ଜନପ୍ରତିନିଧିଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବଡ଼ଗାଁର ବରିଷ୍ଠ ନାଗରିକ କବି ଛବିଳ ସେଠ ନବ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇ ଧର୍ଯ୍ୟଶୀଳ ହେବାକୁ, ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ କହିଥିଲେ। ବଡ଼ଗାଁ ବିଡ଼ିଓ କ୍ଷମାନିଧି ଭୋଇ ନିରପେକ୍ଷତା ବଜାୟ ରଖି ଯୋଜନାର ସୁପରିଚାଳନା କରିବାକୁ କହିଥିଲେ।

## ଭାଜପାର ବିଜୟ ଶୋଭାଯାତ୍ରା

ସୁନ୍ଦରଗଡ,୨୮।୩(ଡି.ଏନ୍.ଏ)

ସୁନ୍ଦରଗଡ଼ ପୌର ନିର୍ବାଚନରେ ନବନିର୍ବାଚିତ ପୌରାଧକ୍ଷା ତନୟା ମିଶ୍ର ଓ କାଉନସିଲରଙ୍କୁ ନେଇ ସୋମବାର ଅପରାହ୍ନରେ ଭାଜପା ପକ୍ଷରୁ ଏକ ବିଜୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପୂର୍ବତନ ବିଧାୟକ ଶଙ୍କର୍ଷଣ ନାଏକଙ୍କ ବାସଭବନରୁ ଏହି ଶୋଭାଯାତ୍ରା ବାହାରି ରଙ୍ଗାଢିପା, ସୁନାରିପଡା, ରିଜେଣ୍ଟ ମାର୍କେଟ, ମେନ୍ ରୋଡ, ପଞ୍ଚମୁଖୀ ହନୁମାନ ମାର୍କେଟ, ପୁରୁଣା ବସଷ୍ଟାଣ୍ଡ, ଡିଆରଡିଏ ଛକ, ହସ୍ପିଟାଲ ଛକ ଦେଇ ରଙ୍ଗାଢିପାରେ ପହଞ୍ଚିଥିଲା। ଏହି ବିଜୟ ଶୋଭାଯାତ୍ରାରେ ପୂର୍ବତନ ବିଧାୟିକା ସୁଷମା ପଟେଲ, ତଳସରା ବିଧାୟକ ତଥା ଜିଲା ଭାଜପା ସଭାପତି ଭବାନୀଶଙ୍କର ଭୋଇ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ନବନିର୍ବାଚିତ ପୌରାଧକ୍ଷା ତନୟା ମିଶ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ରଙ୍କ ସମେତ ୧୯ଗୋଟି ୱାର୍ଡର ଭାଜପାର ସମସ୍ତ ବିଜୟୀ ଓ ପରାଜିତ ପ୍ରାର୍ଥୀମାନେ ସାମିଲ ହୋଇଥିଲେ। ଭାଜପା ଉପରେ ଆସ୍ଥା ପ୍ରକଟ କରିଥିବାରୁ ଜନସାଧାରଣଙ୍କୁ ନେତାମାନେ କୃତଜ୍ଞତା ଜଣାଇଥିଲେ।



ଭାଜପା ନେତାମାନେ ବିଜୟ ଶୋଭାଯାତ୍ରାରେ ଯାଉଛନ୍ତି।

## ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର

ବାଲିଶଙ୍କରା,୨୮।୩(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଥାନା ଅନ୍ତର୍ଗତ ବେହେରାଢ଼ିହି ଗ୍ରାମର ନିକଟସ୍ଥ ଜଙ୍ଗଲରୁ ସୋମବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରିଛି। ଗ୍ରାମର ମହିଳାମାନେ ମହୁଲ ଗୋଟାଇବା ପାଇଁ ଯାଇଥିବାବେଳେ ଏହି ଝୁଲନ୍ତା ମୃତଦେହ ଦେଖିଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପୋଲିସ ସୂଚନାରୁ ଜଣାପଡିଛି କି ଧୂବେନଦାଣ୍ଡ ଗ୍ରାମର ଲକ୍ଷ୍ମଣ ପ୍ରଧାନ (୪୫) ଗତ ୧୩ ତାରିଖରୁ ନିଖୋଜ ଥିଲେ । ପୋଲିସ ତଦନ୍ତରୁ ବ୍ୟକ୍ତି ଜଣକ ମାନସିକ ବିକୃତିଥିବା ଜଣାପଡ଼ିଛି।

## ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ଧର୍ମଘଟ

ଲହୁଣୀପଡ଼ା,୨୮।୩(ଡି.ଏନ.ଏ.)

ମିଳିତ ଟ୍ରେଡ୍ ୟୁନିୟନ ଆହ୍ୱାନ କ୍ରମେ ଲହୁଣୀପଡ଼ା ସିପିଆଇଏମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ସୋମବାର ୧୨ ଦଫା ଦାବି ନେଇ ରାସ୍ତାରୋକୋ ଓ ରେଳରୋକୋ ସାଧାରଣ ଧର୍ମଘଟ ଅନୁଷ୍ଠିତ ହୋଇଥିଲା। ସକାଳ ପ୍ରାୟ ଛଅରୁ ଲହୁଣୀପଡ଼ା ବ୍ଲକ ଛକଠାରେ ଲହୁଣୀପଡ଼ା ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୁର ମାହାନ୍ତଙ୍କ ନେତୃତ୍ୱରେ ରଞ୍ଜିତ ପତି, ପ୍ରଦୀପ ବେହେରା, ସୁବାସ ପାଲ, ବାବୁରାମ ମାହାନ୍ତ, ଉପେନ୍ଦ୍ର ମହାକୁଡ଼,ବୃନ୍ଦାବନ ମାହାନ୍ତ, ଚଳତ ପଣ୍ଡା, ଡିଲେଶର ବେହେରା, ଶିବଶଙ୍କର ପଟେଲଙ୍କ ସହଯୋଗରେ ଧର୍ମଘଟ ହୋଇଥିଲା। କେତେକ ସିପିଆଇଏମ୍ କର୍ମୀ କର୍ମକର୍ତ୍ତା ଯାଇ ବ୍ଲକ, ତହସିଲ, ଆଇସିଡିଏସ,ଷ୍ଟେଟବ୍ୟାଙ୍କ ସମେତ ସରକାରୀ ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ କରାଇ ଦେଇଥିଲେ। ସେହିଭଳି ଖୁଣ୍ଟଗାଁଠାରେ ଖୁଣ୍ଟଗାଁ ଆଞ୍ଚଳିକ କମିଟି ସମ୍ପାଦକ ସମୀର କୁମାର ନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ସେହିଭଳି ବରସୁଆଁସ୍ଥିତ ବିର୍ସା ମୁଣ୍ଡା ଛକଠାରେ ଦୁଲାଳ ସିଂଙ୍କ ନେତୃତ୍ୱରେ ଲୋକନାଥ ସିଂ, ଇଚକାଲ ମୁଣ୍ଡା, ପ୍ରଭୁ ସିଂ, ଦିଲୀପ ନାଗ, ଜିତେନ୍ଦ୍ର ସିଂ, ଜୟ ମଙ୍ଗଳ ମୁଣ୍ଡାଙ୍କ ସହଯୋଗରେ ସାଧାରଣ ଧର୍ମଘଟ ଅନୁଷ୍ଠିତ ହୋଇଥିଲା। କେ. ବଲାଙ୍ଗ ଥାନା ଅନ୍ତର୍ଗତ ପଟାସାହି ରେଲୱେ ସାଇଡ଼ିଂଠାରେ ଜିଲା ପରିଷଦ ସଭ୍ୟା ଶୁଶିଳା ମୁଣ୍ଡାଙ୍କ ନେତୃତ୍ୱରେ ରେଳରୋକୋ, ସାଧାରଣ ଧର୍ମଘଟ କରାଯାଇଥିଲା। ସେହିଭଳି ବିମଳାଗଡ଼ ରେଲୱେ ସାଇଡ଼ିଂଠାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପୀନାଥ ମାହାନ୍ତଙ୍କ ନେତୃତ୍ୱରେ ରେଳରୋକୋ କରାଯାଇଥିଲା। ସେହିଭଳି ରକ୍ସି ରେଲୱେ ସାଇଡ଼ିଂ ଓ ୨୧୫ ନମ୍ବର ଜାତୀୟ ରାଜପଥ ରକ୍ସିଠାରେ ସରପଞ୍ଚ ଆନନ୍ଦ ମାସୀ ହରୋଙ୍କ ନେତୃତ୍ୱରେ ସାଧାରଣ ଧର୍ମଘଟ ଅନୁଷ୍ଠିତ ହୋଇଥିବା ଜଣାପଡିଛି। ଏହି ରାସ୍ତାରୋକୋ, ରେଳରୋକୋ ଯୋଗୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା।

## ନଗର ବିଜେଡି ପକ୍ଷରୁ ପୌର ବିଜେତାଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼,୨୮।୩(ଡି.ଏନ.ଏ)

ଦେବଗଡ଼ ନଗର ବିଜେଡି ପକ୍ଷରୁ ଜିଲା ବିଜେଡି କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜଙ୍କ ସଭାପତିତ୍ୱ ଓ ବରିଷ୍ଠ ଆଇନଜୀବୀ କାମାକ୍ଷା ପ୍ରାସାଦ ଗଙ୍ଗଦେବଙ୍କ ପରିଚାଳନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୌର ବିଜେତା ଦେବଗଡ଼ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ୧ ନମ୍ବର ୱାର୍ଡ କାଉନସିଲର ପ୍ରମିଳା ବେହେରା, ୨ନମ୍ବର ୱାର୍ଡ ସଂଯୁକ୍ତା ଆଚାର୍ଯ୍ୟ, ୩ନମ୍ବର ୱାର୍ଡ କାଉନସିଲର ବାସନ୍ତିମଣି ମାଝୀ, ୫ ନମ୍ବର ୱାର୍ଡ କାଉନସିଲର ଯତୀନ ନାଏକ ପ୍ରମୁଖଙ୍କୁ ମଞ୍ଚାସୀନ କରାଯାଇ ଦଳପକ୍ଷରୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନବନିର୍ବାଚିତ ପୌରାଧକ୍ଷା ଶାସକ ବିପକ୍ଷ ସମସ୍ତଙ୍କୁ ନେଇ ଦେବଗଡ଼ ପୌରାଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



ବିଜେଡି ପକ୍ଷରୁ ନବନିର୍ବାଚିତ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଭାରତ ବନ୍ଦ ପାଳନ: ସୁନ୍ଦରଗଡ଼ ଜିଲାରେ ପରିବହନ, ବ୍ୟାଙ୍କ, ଡାକସେବା ଅଚଳ

ସୁନ୍ଦରଗଡ଼,୨୮।୩ (ଡି.ଏନ୍.ଏ)

କେନ୍ଦ୍ର ସରକାରଙ୍କ ଜନବିରୋଧୀ ଆଇନ୍, ଦରଦାମ ବୃଦ୍ଧି, ଶ୍ରମିକ ମାରଣ ନୀତି ଏବଂ ସରକାରୀ ବ୍ୟାଙ୍କ ଗୁଡିକର ଘରୋଇକରଣ ଉଦ୍ୟମକୁ ବିରୋଧ କରି କେନ୍ଦ୍ରୀୟ ୟୁନିୟନ ଗୁଡିକର ଡାକରାରେ ୨ଦିନିଆଁ ବନ୍ଦ ଡାକରା ଯୋଗୁଁ ସୁନ୍ଦରଗଡ ଜିଲାରେ ପରିବହନ ସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡିଥିଲା। ଏହା ସହ ବ୍ୟାଙ୍କ, ଡାକସେବା ବାଧାପ୍ରାପ୍ତ ହୋଇଛି। ସୋମବାର ସକାଳୁ ଏଆଇଟିୟୁସି, ଆଶାକର୍ମୀ ସଂଘ, ଡାକକର୍ମଚାରୀ ସଂଘ, ବ୍ୟାଙ୍କ କର୍ମଚାରୀ ସଂଘ, ବୀମା କର୍ମଚାରୀ ସଂଘ, ବିଭିନ୍ନ ଶ୍ରମିକ ସଂଗଠନଗୁଡିକ ଏହି ଆନ୍ଦୋଳନରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଭାରତ ବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇ ଜିଲା ଓକିଲ ସଂଘର ଓକିଲମାନେ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିଥିଲେ। ସେହିପରି ଘରୋଇ ବସ ମାଲିକ ସଂଘ ଓ ବିଭିନ୍ନ ପରିବହନ ସଙ୍ଗଠନ ଗୁଡିକ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ସ୍ଥାନୀୟ ବଣିକ ସଂଘ ପକ୍ଷରୁ ବନ୍ଦକୁ ସମର୍ଥନ ଜଣାଇ ନ ଥିଲେ ମଧ୍ୟ ସହରରେ ଅଧିକାଂଶ ଦୋକାନ ବଜାର ବନ୍ଦ ଥିବା ବେଳେ କାଁ ଭାଁ ଖୋଲା ରହିଥିଲା। ବନ୍ଦ ଯୋଗୁ ହେମଗିର ବ୍ଲକରେ ଥିବା ଏମ୍‌ସିଏଲର ବସୁନ୍ଧରା ଓ ଗର୍ଜନବାହାଲ କୋଇଲା ଖଣିରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୋଇଲା ପରିବହନ ବନ୍ଦ ଥିଲା। ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ଡାକକର୍ମଚାରୀ ଓ ଗ୍ରାମୀଣ ଡାକସେବା ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ, ଗ୍ରାମୀଣ ଡାକସେବା ସଂଘର ହର୍ଷାରାମ ପଟେଲ, ଧ୍ରୁବ ନାଏକ, ଭାରତୀୟ ଜୀବନ ବୀମା ନିଗମ କର୍ମଚାରୀ ସଂଘର ସିଲଭେଷ୍ଟର ତିର୍କୀ, ସୁନୀଲ ହୋତା, ମହେନ୍ଦ୍ର ବାଗ୍, ଆଶାକର୍ମୀ ସଂଘର ସଭାନେତ୍ରୀ ଡିଲେଶ୍ୱରୀ ପାଣ୍ଡେ, ମହିମା ହୋତା, ରଂଜିତା ମାଝୀ ପ୍ରମୁଖ ସାମିଲ ହୋଇଥିଲେ। ଗର୍ଜନବାହାଲ କୋଇଲା ଖଣିଠାରେ ଏଆଇଟିୟୁସି ସହବନ୍ଧିତ ଶ୍ରମିକ ସଙ୍ଗଠନ ମହାନଦୀ କୋଲ ମଜଦୁର ସଂଘର ଯୁଗ୍ମ ସମ୍ପାଦକ ବିଶ୍ୱଦୂତ ରାୟଙ୍କ ନେତୃତ୍ୱରେ ପିକେଟିଂ ହୋଇଥିଲା। ରତନପୁରଠାରେ ଅଖିଳ ଭାରତୀୟ ଯୁବସଂଘର ରାଜ୍ୟ ଉପସଭାପତି ରାଜେନ୍ଦ୍ର ନାଏକ ଓ ସିପିଆଇ ଜିଲା ଜୋନ୍ ସମ୍ପାଦକ ଶୁକଦେବ ପ୍ରଧାନଙ୍କ ନେତୃତ୍ୱରେ ପିକେଟିଂ ଯୋଗୁଁ ବଲିଙ୍ଗା -ଟପରିଆ ରାସ୍ତାଦେଇ ଛତିଶଗଡକୁ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।




ସୁନ୍ଦରଗଡ଼ରେ ସର୍ବଭାରତୀୟ ଧର୍ମଘଟ ପାଳନ କରାଯାଉଛି।

